



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୭ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 August 2025
Vol.No. 36 ■ No.216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ସୁଧୁରୁଛି ଭାରତ- ଚୀନ୍ ସମ୍ପର୍କ

## ଏସ୍ .ଜୟଶଙ୍କର ଓ ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବେ ଚୀନ୍ ବିଦେଶ ମନ୍ତ୍ରୀ

ନୂଆଦିଲ୍ଲୀ,୧୬/୮ : ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଏବେ ଆଗକୁ ବଢୁଥିବାର ଲକ୍ଷ୍ୟ କରାଯାଉଛି । ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟୀ ଆଗାମୀ ୧୮-୧୯ ଅଗଷ୍ଟ ରେ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ସମୟରେ ଚୀନ ବୈଦେଶିକ ମନ୍ତ୍ରୀ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ସହ ଉଚ୍ଚ ସ୍ତରୀୟ ଆଲୋଚନାରେ ଭାଗ ନେବେ, ଯେଉଁଠାରେ ଭାରତ-ଚୀନ ସୀମା ବିବାଦ ଉପରେ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ହେବାର ସୂଚନା ମିଳିଛି । ଚୀନ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିବେ । ୨୦୨୦ରେ ଗାଲୱାନ ସଂଘର୍ଷ ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା, କିନ୍ତୁ ଏବେ ଦୁଇ ପକ୍ଷ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ପଦକ୍ଷେପ ନେଉଛନ୍ତି । ଏହି ଗସ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ଶାଙ୍ଘାଇ ସହଯୋଗ ସଂଗଠନ ଶିଖର ବୈଠକ ପାଇଁ ଚୀନ ଗସ୍ତ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଭାରତ ଆସିବେ ଚୀନ ବୈଦେଶିକ ମନ୍ତ୍ରୀ । ଏସ.ଜୟଶଙ୍କର ଓ ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବେ ଚୀନ ବୈଦେଶିକ ମନ୍ତ୍ରୀ। ଏସ ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଦୁଇ ଦେଶର ସମ୍ପର୍କ ଉପରେ ଚର୍ଚ୍ଚା ହେବ। ୨୦୨୦ ଗାଲୱାନ ସଂଘର୍ଷ ପରେ ସୀମାରେ ଉତ୍ତେଜନା ହ୍ରାସ ପାଇଁ ଉଭୟ ଦେଶ ପଦକ୍ଷେପ ନେଉଛନ୍ତି ସୀମା ବିବାଦ ଉପରେ ଆଲୋଚନା ହୋଇପାରେ। ଭାରତ ଓ ଚୀନ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବାର ସମ୍ଭାବନା ରହିଛି। ମୋଦୀଙ୍କ ଚୀନ ଗସ୍ତ ପୂର୍ବରୁ ଏହି ବୈଠକ ସମ୍ପର୍କ ସୁଦୃଢ଼ କରିବାରେ ସହାୟକ ହେବ।



# ଆସନ୍ତା ବୈଠକ ମସ୍କୋରେ : ପୁଣି ଭେଟିବେ ପୁଟିନ୍- ଟ୍ରମ୍ପ



ନୂଆଦିଲ୍ଲୀ,୧୬/୮ : ଗୋଟିଏ ମଞ୍ଚରେ ଦୁଇ ମହାଶକ୍ତି ମୁଖ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଆଲାସ୍କାରେ ୩ ଘଣ୍ଟା ଧରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆଲୋଚନା ହୋଇଛି । ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ବୈଠକ ହୋଇଥିଲା, ତାହା ସଫଳ ହୋଇପାରିନାହିଁ। ପାଖାପାଖି ତିନି ବର୍ଷ ଧରି ଲାଗିରହିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ବିରତି ଲାଗିବା ନେଇ ଯେଉଁ ଆଶା କରାଯାଉଥିଲା, ସେଥିରେ ସହମତି ହୋଇପାରିନାହିଁ । ଯଦିଓ ଯୁଦ୍ଧବିରତି ଏବେ ହେବ ନାହିଁ, କିନ୍ତୁ ଦୁଇ ନେତା ଆଲୋଚନାକୁ ସକାରାତ୍ମକ ବୋଲି କହିଛନ୍ତି । ଟ୍ରମ୍ପ କହିଛନ୍ତି , ଅନେକ ପ୍ରସଙ୍ଗ ଉପରେ ସହମତି ହୋଇଛି, କିନ୍ତୁ କିଛି ପ୍ରସଙ୍ଗରେ ହୋଇପାରିନାହିଁ। ଆଗକୁ ଏହା ଉପରେ ଅଧିକ ଆଲୋଚନାର ଆବଶ୍ୟକତା ଥିବା ଟ୍ରମ୍ପ କହିଛନ୍ତି ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ୍ ବେକାର ଯିବନାହିଁ : ବିଜେପି

ଭୁବନେଶ୍ୱର, ୧୬/୮ (ନି.ପ୍ର): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଥିଲେ ସମାଜ ସଂସ୍କାରକ ତଥା ଯୋଗଜନ୍ମା । ସେ କେବଳ ବ୍ୟକ୍ତି ନଥିଲେ ଅନୁଷ୍ଠାନ ଥିଲେ। ତାଙ୍କ ବିଚାର ଧାରା ଓ କଠିନ ପରିଶ୍ରମ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥିଲା । ପ୍ରତିକୂଳ ପରିସ୍ଥିତି ରେ ନୂଆ ରାସ୍ତା ତିଆରି କରିପାରୁଥିଲେ । ତାଙ୍କ ବଳିଦାନ୍ ବେକାର ଯିବନାହିଁ। ହିନ୍ଦୁ ସନାତାନି ମାନେ ତାଙ୍କ ହତ୍ୟାରେ ମର୍ମାହତ, ବିଚଳିତ। ଆଜି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କ ୧୮ ତମ ବଳିଦାନ ଦିବସ ଅବସରରେ ଗଣଦୌଡ ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱର ୟୁନିଟ ୩ ପ୍ରଦର୍ଶନୀ ପଡ଼ିଆରୁ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା।

# ଲଙ୍ଗଳେଶ୍ୱର ପ୍ରେସକ୍ଲବ ତରଫରୁ ସ୍ୱାଧୀନତା ଦିବସ ପାଳିତ




ଲଙ୍ଗଳେଶ୍ୱର- ୧୬/୮ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆ ରେ ଲଙ୍ଗଳେଶ୍ୱର ପ୍ରେସକ୍ଲବ ଆନୁକୂଲ୍ୟ ରେ ୭୯ ତମ ସ୍ୱାଧୀନତା ଦିବସ ମହା ସମାରୋହ ରେ ପାଳିତ ହୋଇଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଭାରତ ବର୍ଷ କୁ ସ୍ୱାଧୀନ କରିବାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ, ତେଣୁ ସେମାନଙ୍କର ଆଦର୍ଶ ରେ ଅନୁପ୍ରାଣିତ ହୋଇ ନିଜକୁ ସୁଗନାଗରିକ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟ ଅତିଥି ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଦୈନିକ ଓଡ଼ିଆ ଖବରକାଗଜ ଧ୍ୱନିପ୍ରତିଧ୍ୱନି ପ୍ରାଣ ପ୍ରତିଷ୍ଠାତା ସୃଷ୍ଟିଧର ପରିଡା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଭିତରେ ଦେଶପ୍ରେମ ଜାଗ୍ରତ ହେଲେ ଭବିଷ୍ୟତରେ ଭାରତ ବର୍ଷ ଏକ ପରମ ବୈଭବସାଳିନୀ ରାଷ୍ଟ୍ରରେ ପରିଣତ ହେବ ବୋଲି କହିଥିଲେ। ,ସମ୍ମାନିତ ଅତିଥି ଭାବେ ସିଂଲା ଥାନା ଅଧିକାରୀ ଅଭିମନ୍ୟୁ ବେହେରା,ସିଟି ସ୍କୁଲ ର ଅଧକ୍ଷ ସଞ୍ଜୟ କୁମାର ଦାସ,ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟ ର ଅଧକ୍ଷ ସୁବ୍ରତ କୁମାର ନନ୍ଦି,କାର୍ଯ୍ୟକ୍ରମର ସଂଯୋଜକ ତଥା ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ,ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର ଯୋଗଦେଇ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ରାଧାଗୋବିନ୍ଦ ଦାସ ଧନ୍ୟବାଦ ଦେବା ସହ ରାଜକିଶୋର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।କ୍ଲବର ସମ୍ପାଦକ କମଳାକାନ୍ତ ଦାସ ଓ ପ୍ରଦୀପ କୁମାର ଜେନା ପୁରସ୍କାର ବିତରଣ କୁ ପରିଚାଳନା କରିଥିଲେ।ଏହି ଅବସରେ ସ୍ଥାନୀୟ ୧୦ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇ ଥିଲା।ଶେଷରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେସକ୍ଲବ ପକ୍ଷରୁ ପୁରସ୍କାର ବିତରଣ କରା ଯାଇ ଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଗୀତ ଓ ପିରାମିଡ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଗାପ୍ରସନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ସିଟି ସ୍କୁଲ,ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ, ଗଞ୍ଜା ନୋଡାଲ ସ୍କୁଲ,ବିବେକାନନ୍ଦ ସ୍କୁଲ,ଜ୍ଞାନ ବିଜ୍ଞାନ ବିଦ୍ୟମନ୍ଦିର,ସରସ୍ୱତୀ ଶିଶୁମନ୍ଦିର,ଏସ ଟି ଜାଭିଆର ସ୍କୁଲ ର ତିନି ହଜାର ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। କ୍ଲବ ର ସାମ୍ବାଦିକ ଦିଲ୍ଲୀପ କୁମାର ଜେନା,ଗୋପୀ କୃଷ୍ଣ,ସୁବାସ ଦାସ,ଅମୂଲ୍ୟ ଦାସ ପଣ୍ଡା,ପ୍ରିୟରଞ୍ଜନ ପାତ୍ର, ସତ୍ୟରଞ୍ଜନ ସାହୁ ,ଉପଦେଷ୍ଟା ମୁରଲୀ ଧର ଦାସ,ଅଞ୍ଜଳି ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ନବୀନ ନିବାସରେ ବଡ଼ ବୈଠକ

ଭୁବନେଶ୍ୱର, ୧୬/୮ (ନି.ପ୍ର): ନବୀନ ନିବାସରେ ବଡ଼ ବୈଠକ ବସିଛି । ଜିଲ୍ଲା ସଭାପତି , ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡ଼କାଯାଇଛି । ସୁଦାମ ମାରାଣ୍ଡି, ଅମର ପଟ୍ଟନାୟକ, ରୋହିତ ଜୋଶେଫ ତିର୍କି, ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ସାରକା, ସାଲୁଗା ପ୍ରଧାନଙ୍କ ସହ ଅନ୍ୟ କିଛି ନେତା ଉପସ୍ଥିତ ଅଛନ୍ତି । ସଂଗଠନର ସ୍ଥିତି ବାବଦରେ ଦଳର ସୁପ୍ରିମୋଙ୍କ ସହ ହେବ ଆଲୋଚନା। ମୁମ୍ବାଇରୁ ସୁସ୍ଥ ହୋଇ ଫେରିବା ପରେ ନବୀନ ନିବାସରେ ବସିଛି ବୈଠକ।

# ସାବାଡ଼ କରିବ ଗୁଣ୍ଡା ଆଇନ୍

ଭୁବନେଶ୍ୱର, ୧୬/୮ (ନି.ପ୍ର): ଓଡ଼ିଶାରେ ଖୁବଶୀଘ୍ର ଆସିପାରେ ଗୁଣ୍ଡା ନିରୋଧୀ ଆଇନ୍ । ଏହାଦ୍ୱାରା ସାବାଡ୍ ହେବେ ଅସାମାଜିକ ଅପରାଧୀ, ବର୍ତ୍ତିପାରିବେନି ସଂଗଠିତ ଅପରାଧ ମାନସିକତାର ବ୍ୟକ୍ତି ଏବଂ ଚାଲିପାରିବନି ବାଲିଘାଟଠୁ ନେଇ ଖଣିଖାଦାନ୍, ପରିବହନ ଓ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଦାଦାବଟି କାରବାର। ଉପବାଚସ୍ପତିଙ୍କ ଦାବି ପରେ କାଲି ଏହି ସଙ୍କେତ ଦେଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ଖୁବଶୀଘ୍ର ଆସିପାରେ ଗୁଣ୍ଡା ନିରୋଧୀ ଆଇନ୍। ୟୁପି ଓ ବିହାର ଢାଞ୍ଚା ଅନୁକରଣରେ ଆଇନ ଆଣିପାରନ୍ତି ରାଜ୍ୟ ସରକାର। ଜୁଲାଇ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୟୁପି ଗ୍ୟାଙ୍ଗଷ୍ଟାର୍ ଆଣ୍ଡ ଆଣ୍ଟିସୋସିଆଲ୍ ଆକ୍ଟ ୧୯୮୬ ଭଳି ଓଡ଼ିଶାରେ ଏକ ଆଇନ୍ କରିବାକୁ ଦାବି କରିଥିଲେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ। ଯୁକ୍ତି ଦର୍ଶାଇଥିଲେ- ରାଜ୍ୟରେ ଦାଦାବଟି, କଣ୍ଟ୍ରାକ୍ଟ କିଲିଂ, ବେଆଇନ୍ ଖଣିଠୁ ନେଇ ନିଶା କାରବାର ଭଳି ଅପରାଧ ବଢ଼ିଚାଲିଛି। ତେଣୁ ଏହାର ଦମନ ପାଇଁ ୟୁପି ଢାଞ୍ଚାରେ ଆଇନ୍ ଆସିବା ଦରକାର। ଆଉ ଗତକାଲି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ମଞ୍ଚରୁ ଏନେଇ ବଡ଼ ସୂଚନା ଦେଇ ଏଦିଗରେ ନିଜ ସରକାରର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି ଗାଁଠୁ ରାଜଧାନୀ ଯାଏଁ ଗୁଣ୍ଡାରାଜକୁ ମୂଳପୋଛ ପାଇଁ ଆବଶ୍ୟକ ପଡ଼ିଲେ ଆସିବ ସ୍ୱତନ୍ତ୍ର ଆଇନ୍। ଆଇନମନ୍ତ୍ରୀ ବି କହିଛନ୍ତି ଏଦିଗରେ ପଦକ୍ଷେପ ନେବାର ପ୍ରକ୍ରିୟା ସରକାର ଆରମ୍ଭ କରିଦେଇଛନ୍ତି। ତେବେ ଯଦି ଓଡ଼ିଶାରେ ଏମିତି ଆଇନ ଆସେ କଣ ହେବ ତାର ରୂପରେଖ ? କେଉଁଦିଗ ପ୍ରତି ଦିଆଯିବ ଅଧିକ ଗୁରୁତ୍ୱ ? କୁହାଯାଉଛି ଜେନେରାଲ କ୍ରିମିନାଲ ଲ' ଠାରୁ ଏହି ସ୍ୱତନ୍ତ୍ର ଆଇନରେ ରହିପାରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା। ତ୍ୱରିତ ଗିରଫଦାରୀ ସାଙ୍ଗକୁ ଜଘନ୍ୟ ଅପରାଧୀଙ୍କୁ ଏନକାଉଣ୍ଟର ପାଇଁ ବି ପୋଲିସକୁ କ୍ଷମତା ଦିଆଯାଇପାରେ। ଆଇନ ଜୀବୀଙ୍କ ମତରେ ଓଡ଼ିଶାରେ ଗ୍ୟାଙ୍ଗଷ୍ଟାର ଅପେକ୍ଷା ସଂଗଠିତ ଏବଂ ଦାଦାବଟି ସମ୍ପର୍କିତ ଅପରାଧ ହାର ଅଧିକ।

# ରାଜ୍ୟରେ ଆରମ୍ଭ ହେବ ଟ୍ରାଫିକ ୱାଡେନ୍ ବ୍ୟବସ୍ଥା

ଭୁବନେଶ୍ୱର, ୧୬/୮ (ନି.ପ୍ର): ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଯେଉଁ ୫ ଜିଲ୍ଲାରେ ଟ୍ରାଫିକ୍ ୱାଡେନ୍ ନିଯୁକ୍ତ ହେବେ, ସେହି ଜିଲ୍ଲା ଗୁଡିକ ହେଲା ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼। ଏହି ନିଯୁକ୍ତି ଦାୟିତ୍ୱ ଜିଲ୍ଲାର ଏସପି ମାନଙ୍କୁ ଦିଆଯିବ। ସେମାନଙ୍କୁ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ। ରାଜ୍ୟରେ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଛି ଦୁର୍ଘଟଣାର ହାର ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ।

# ଗାଁ ମଜ୍‌ଲିସ ସାହିତ୍ୟ ସଂସଦର ୩୬ତମ ପ୍ରତିଷ୍ଠା ଦିବସ ପାଳିତ



ବାଲେଶ୍ୱର, ୧୬/୮ (ନି.ପ୍ର): ସାହିତ୍ୟ ସମାଜକୁ କେବଳ ବଦଳାଏ ନାହିଁ ବରଂ ପ୍ରେରଣା ଦିଏ ସୁସ୍ଥ, ସଂହତ ଓ ପ୍ରଗତିଶୀଳ କରିବାରେ ସାହିତ୍ୟର ଭୂମିକା କାଳେକାଳେ ରହି ଆସିଛି, ଦୁସ୍ଥ, ଦଳିତ, ଅବହେଳିତ, ନିଷ୍ପେସିତ ମଣିଷଙ୍କୁ ଗୋଟିଏ ଧାଡ଼ିରେ ଛିଡ଼ା କରେଇବାର ଆସ୍ପର୍ଦ୍ଧା ରଖିଥାଏ ସାହିତ୍ୟ ବୋଲି ସୋର ସଂସ୍କୃତି ଭବନରେ ଅନୁଷ୍ଠିତ ଗାଁ ମଜ୍‌ଲିସ ସାହିତ୍ୟ ସଂସଦର ୩୬ ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ କବି ସୈରିନ୍ଧ୍ରୀ ସାହୁ ଯୋଗଦେଇ କହିଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଦ୍‌ଘାଟକ ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ କହିଲେ ଯେ ସାହିତ୍ୟ ସଂସ୍କୃତିର ମାଟି ସୋରରେ ଦୀର୍ଘ ୩୬ ବର୍ଷ ଧରି ଗଢ଼ି ଉଠିଥିବା ଉକ୍ତ ସାହିତ୍ୟ ସହିତ୍ୟ ସଂସଦ ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ଉଦ୍‌ଜୀବିତ କରିପାରିଛି। ମୁଖ୍ୟବକ୍ତା ଭାବେ ଡ. ରୁଦ୍ରାଣୀ ମହାନ୍ତି ଯୋଗଦେଇ ନିଜ ଭିତରକୁ ସନ୍ଧାନ କରିବାର କଳା କବିତାରେ ରହିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ମହାପାତ୍ର ଯୋଗଦେଇ କହିଲେ ଯେ ଆଧ୍ୟାତ୍ମିକତା ସାହିତ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇଥାଏ, ପ୍ରଚୀନ କାଳରୁ ଅଧ୍ୟାତ୍ମିକତାକୁ ଆଧାର କରି ସୃଷ୍ଟ ସାହିତ୍ୟ ଚିର ଅମର ହୋଇ ରହିଛି। ପ୍ରାକ୍ତନ ଅଧକ୍ଷ ଚେମେଇ ଦାସଙ୍କ ପ୍ରବନ୍ଧ ପୁସ୍ତକ 'ସାହିତ୍ୟରେ ସ୍ୱର ଓ ସ୍ୱାକ୍ଷର' ଉନ୍‌ମୋଚିତ ହୋଇଥିଲା। ସମୀକ୍ଷକ ଭାବେ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ କହିଲେ ଯେ ଆଜିର ସମୟରେ କବିଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ପ୍ରବନ୍ଧ ଲେଖା ପ୍ରତି ଲେଖକମାନଙ୍କର ଆଗ୍ରହ କମିକମି ଯାଉଛି, ଯାହା ସାହିତ୍ୟ ପାଇଁ ଶୁଭଙ୍କର ନୁହେଁ। ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟ ଦାଶରଥି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଏବଂ ଦାମୋଦର ଦାଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର, ଅଶୋକ କୁମାର ମହାନ୍ତି, ମହେଶ୍ୱର ପଣ୍ଡା ଓ ସୁଧାକର ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ କବି ଭରତ ବେହେରା ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ କବି ସୁବାସିନୀ ଜୀ ଯୋଗଦେଇଥିଲେ। ସଂଯୋଜିକା ଭାବେ ନୀହାରିକା ରଥ ଏବଂ ଡ. ହରିପ୍ରିୟା ସେଠୀ ଯୋଗ ଦେଇଥିଲେ। କବି ସୁରଂଜନ ପାତ୍ର, କବୀ ଲାବଣ୍ୟ ନାୟକ, ଜୟନ୍ତୀ ବିଶ୍ୱାଳ ବେଉରିଆ, ପ୍ରୀତିଲେଖା ଦାସ, କମଳିନୀ କାସ୍ତା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସସ୍ମିତା ରାଉତ, ଭରତ ଚନ୍ଦ୍ର ଦାଶ, ସୁରେନ୍ଦ୍ରନାଥ ବାରିକ, ମାୟାଧର ନାୟକ, ବିପ୍ଳବ ରଂଜନ ପତି, ଦେବେନ୍ଦ୍ର ମହାଳିକ, ରବୀନ୍ଦ୍ର କୁମାର ଦାସ, ଲମ୍ବୋଦର ମିଶ୍ର, ଶିଶିର କୁମାର କର, ପରମାନନ୍ଦ ତ୍ରିପାଠୀ, ଗୀତାରାଣୀ ରାଉତ, ମିନତୀ କର, ସ୍ନେହଲତା ସାହୁ, ବିଚିତ୍ରାନନ୍ଦ ଜେନା, ନିତ୍ୟାନନ୍ଦ ପାଣିଗ୍ରାହୀ, ପ୍ରଦୀପ୍ତ ମହାନ୍ତି, ପ୍ରତିଭା ମଞ୍ଜରୀ ଜେନା, ଜ୍ୟୋତ୍ସ୍ନାରାଣୀ ଜେନା, କୃଷ୍ଣା ପ୍ରଧାନ, କମଳଲୋଚନ ବେହେରା, ଜ୍ୟୋତି ରଂଜନ ଜେନା, ଭାଗ୍ୟଶ୍ରୀ ଦେ, ଅମ୍ବିକା ସାହୁ ଓ ସଂହିତା ଦାସ, ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ।

# ଦେଶ ବିଭାଜନ ପଛର କିଏ ଖଳନାୟକ ?

## ଏନସିଇଆରଟି ପାଠ୍ୟକ୍ରମକୁ ନେଇ ତେଜିଲା ବିବାଦ

ନୂଆଦିଲ୍ଲୀ,୧୬/୮ : ଦେଶ ବିଭାଜନ ପାଇଁ ଏନସିଇଆରଟି ନୂଆ ପାଠ୍ୟକ୍ରମରେ ମହମ୍ମଦ ଅଲ୍ଲୀ ଜିନ୍ନା, କଂଗ୍ରେସ ଏବଂ ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଦାୟୀ କରାଯାଇଛି । ମହମ୍ମଦ ଅଲ୍ଲୀ ଜିନ୍ନା- ନିରନ୍ତର ଏକ ପୃଥକ ଦେଶ ପାଇଁ ଚାପ ପକାଇଥିଲେ ଏବଂ ପାକିସ୍ତାନ ସୃଷ୍ଟି ପାଇଁ ଦାବି କରିଥିଲେ । କଂଗ୍ରେସ- ଯାହା, ବିଶେଷକରି ନେହେରୁଙ୍କ ନେତୃତ୍ୱରେ, ବିଭାଜନ ନିଷ୍ପତ୍ତିକୁ ଗ୍ରହଣ କରିବାର ବାଟକୁ ବାଛିଥିଲା । ଲର୍ଡ ମାଉଣ୍ଟ ବ୍ୟାଟେନ୍- ଯିଏ ଦେଶ ବିଭାଜନକୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରିଥିଲେ ବୋଲି ନୂତନ ମଡ୍ୟୁଲରେ ଉଲ୍ଲେଖ କରାଯାଇଛି । ଯାହାକୁ ନେଇ ତେଜିଛି



ଜାତୀୟ ରାଜନୀତି, ମୁହାଁମୁହିଁ ହୋଇଛନ୍ତି କଂଗ୍ରେସ-ବିଜେପି । କ୍ଷମତାର ଲୋଭ ଆଉ ତୃଷ୍ଟିକରଣ ରାଜନୀତି ଯୋଗୁଁ କଂଗ୍ରେସ ଏଭଳି ନିଷ୍ପତ୍ତି ନେଇଥିଲା ବୋଲି ବିଜେପି ଅଭିଯୋଗ କରିଛି, ବିଭାଜନ ପାଇଁ ସାବରକରଙ୍କୁ ଦାୟୀ କରିଛି କଂଗ୍ରେସ । ଦେଶ ବିଭାଜନ କଥା ପୂର୍ବରୁ ମଧ୍ୟ ପଢା ହେଉଛି । ବିଭାଜନ କୌଣସି ବ୍ୟକ୍ତି କି ଦଳ କି ସଂଗଠନ ଦ୍ୱାରା ହୁଏନି । ଏହା ଏକ ମାନସିକ ବିଭାଜନ । ତା ଉପରେ ନିରପେକ୍ଷ ଆଲୋଚନା ଦରକାର । ଯିଏ ବିଭାଜନ ମାନସିକତା ସୃଷ୍ଟି କରିଛନ୍ତି ଦେଶ ବିଭାଜନ ପାଇଁ ସେମାନେ ଦାୟୀ । ଛୋଟ ପିଲାଙ୍କୁ ତା ଭିତରେ ପୁରେଇବା ସେ ଦ୍ୱନ୍ଦ ଭିତରେ ଠିକ ନୁହେଁ । ଯେଉଁ ଘା ଶୁଖିଗଲାଣି ତାକୁ ଘାଣ୍ଟିବା ଠିକ ନୁହେଁ ବୋଲି ଶିକ୍ଷାବିତ୍ ମାନେ ମତ ଦେଇଛନ୍ତି । ଏନସିଇଆରଟି ଷଷ୍ଠରୁ ଅଷ୍ଟମ ଏବଂ ଦଶମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଭାରତ-ପାକ୍ ବିଭାଜନ ଉପରେ ଏହି ୨ଟି ନୂତନ ମଡ୍ୟୁଲ୍ ପ୍ରକାଶ କରିଛି । ଯାହାକୁ ନେଇ ରାଜନୈତିକ ଘମାସାନ ମୁଣ୍ଡ ଟେକିଛି ।

# ଯୋଗ କେନ୍ଦ୍ରର ସ୍ୱାଧୀନତା ଦିବସ ପାଳନ



ବାଲେଶ୍ୱର, ୧୬/୮ (ନି.ପ୍ର): ହୋଲିଷ୍ଟିକ୍ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର, ବାଲେଶ୍ୱରର '୭୯' ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଅଛି । ଏହି ପବିତ୍ର ଦିବସରେ ଯୋଗ କେନ୍ଦ୍ରର ସଭାପତି ଡଃ ଜୟସ୍ମିତା ନାୟକ ସୁଚାରୁ ରୂପେ ପରିଚାଳନା କରିଥିଲେ । ଉପସଭାପତି, ଶ୍ରୀମତି ରୀତା ରାଉତ, ଶ୍ରୀ ଦିପ୍ତୀବନ୍ତ ଦାସ, ସମ୍ପାଦକ ଶ୍ରୀ ରଞ୍ଜନ କୁମାର ସାହୁ । ସହସମ୍ପାଦକ ଧ୍ରୁବ ଚରଣ ବେହେରା, କୋଷାଧକ୍ଷ ଶ୍ରୀ ସୂର୍ଯ୍ୟ କୁମାର ପୋଥାଳ, ସଂପ୍ରରୀତ୍ରିକ ସମ୍ପାଦିକା ଶ୍ରୀମତୀ ଦମୟନ୍ତୀ ମହାପାତ୍ର, ଯୋଗ କେନ୍ଦ୍ରର ପ୍ରତିଷ୍ଠାତା ଯୋଗ ଗୁରୁ ଶ୍ରୀ ସୁଜିତ କୁମାର ଜେନା, ଗୁରୁମା ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ଜେନା, କେନ୍ଦ୍ରର ଉପଦେଷ୍ଟା ତଥା ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଶ୍ରୀ ସୃଷ୍ଟିଧର ପରିଡ଼ା, କାର୍ଯ୍ୟକାରୀ କମିଟିର ସମସ୍ତ ଶତାଧିକ ସଭ୍ୟ, ସଭ୍ୟା ଉପସ୍ଥିତ ରହିଥିଲେ । ଶ୍ରୀ ପରିଡ଼ା ଏହି ଦିବସର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ଏହାପରେ ସମସ୍ତେ ଏକ ଶୋଭାଯାତ୍ରାରେ ବାହାରି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଦିବସ ପାଳନରେ ପିଲାମାନଙ୍କ ସହିତ ଯୋଗଦାନ ଦେଇ ସହଯୋଗ କରିଥିଲେ । ସର୍ବଶେଷରେ ଶ୍ରୀମତି ସୁଜାତା ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ଆଦର୍ଶ ଶିକ୍ଷକ ମନ୍ମଥ ମଲ୍ଲିକଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ

ନୀଳଗିରି, ୧୬/୮ (ନି.ପ୍ର): ନୀଳଗିରି ବ୍ଲକ ଗୋପୀନାଥପୁର ନୋଡାଲ ଉପ୍ରା ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ତଥା ଜନ୍ମମାଟି ଧୋବାଶିଳା ଗ୍ରାମର ମନ୍ମଥ ମଲ୍ଲିକଙ୍କ ଗତ ଅଗଷ୍ଟ ୩ ତାରିଖରେ ଅକାଳ ବିୟୋଗ ଘଟିଥିଲା । ନୀଳଗିରି ବ୍ଲକ ସ୍ତରୀୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଏହି ଦିବଙ୍ଗତ ଆଦର୍ଶ ଶିକ୍ଷକ ମନ୍ମଥ ମଲ୍ଲିକଙ୍କ ସ୍ମୃତି ଉଦେଶ୍ୟରେ ଆଜି ଏକ ଶୋକସଭା ଜନ୍ମମାଟି ଧୋବାଶିଳା ବଜାରରେ ପାଳନ କରାଯାଇଛି ।ପୂର୍ବାହ୍ନ ରେ ଆୟୋଜିତ ଶୋକସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ନୀଳଗିରି ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଭାଗିରଥି ଗିରି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ୱର୍ଗତ ମନ୍ମଥଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।ପରେ ବିଭିନ୍ନ ଅଞ୍ଚଳିକ ସାଧନକେନ୍ଦ୍ରର ଶିକ୍ଷକ, ଶିକ୍ଷୟିତ୍ରୀ ସମୂହ ମାଲ୍ୟାର୍ପଣ କରିଥିଲେ ।ସିଆରସିସି ରୂପକ ପସା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । ସ୍ୱର୍ଗତ ମନ୍ମଥ ସାରଙ୍କ ଆତ୍ମାର ସଦଗତି କାମନାକରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା । ତାଙ୍କର ଅଳ୍ପଦିନର ଚାକିରୀ ସମୟରେ ସେ ଜଣେ ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ଏବଂ ଜଣେ କର୍ମଠ ଶିକ୍ଷକ ଭାବରେ ବେଶ ପ୍ରସଂଶା ସାଉଁଟି ପାରିଥିଲେ ।ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଜଣେ ଉତ୍ତମ ସ୍ୱଭାବର ଶିକ୍ଷକ ନୁହଁ ବରଂ ମାଟି ମା'ର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ ।

# ପୁଣି ଘର ଭିତରେ ପଶି ବାନ୍ଧିପକାଇ ମୁଣ୍ଡରେ ବନ୍ଧୁକ ଲଗାଇ ୧୫ ଲକ୍ଷ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟ୍

ସୋର, ୧୬/୮ (ନି.ପ୍ର): ଗତ ୧୪ ତାରିଖ ରାତିରେ ଡକାୟତିରେ ଶିକାର ହୋଇଥିବା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମର ଅବସରପ୍ରାପ୍ତ କୋଅପରେଟିଭ୍ କର୍ମଚାରୀ ଗୁରୁପ୍ରସାଦ ସେଠୀଙ୍କ ଘରେ ସଶସ୍ତ୍ର ଡକାୟତି । ସୋର ଥାନା ଅଞ୍ଚଳରେ ମାତ୍ର କିଛିଦିନ ବ୍ୟବଧାନରେ ପୁଣି ଘରେ ଭିତରେ ପଶି ସଶସ୍ତ୍ର ଡକାୟତି ହେବା ଭଳି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି । ଗତ ୧୪ ତାରିଖ ରାତି ୧.୪୦ ମିନିଟ ସମୟରେ ଘର ପଛପଟ ଗ୍ରିଲ କାଟି କବାଟର ଛିଟିକିଣି କାଢ଼ି ଘରେ ପଶି ପୁଅ-ବୋହୂ ଶୋଇଥିବା ଘରେ ପଶି ପୁଅ ମୁଣ୍ଡରେ ବନ୍ଧୁକ ଏବ ବେକରେ ଖଣ୍ଡା ଲଗାଇ ଧମକ ଦେଇଥିଲେ । ବୋହୂ ସେମାନଙ୍କୁ ମାରଧର ନକରିବାକୁ ଅନୁରୋଧ କରି ତାଙ୍କର ସମସ୍ତ ଗହଣା ଖୋଲି ଦେବା ସହିତ ୨୦ ହଜାରୁ ଅଧିକ ଟଙ୍କା ନେଇଯାଇଥଲେ । ଏହା ପରେ ପୁଅ-ବୋହୂ ମା'କୁ ଘର ଭିତରେ ପୂରେଇ ଘର ବନ୍ଦ୍ କରି ସେମାନେ ଗୁରୁ ପ୍ରସାଦଙ୍କ ଘରେ ପଶି ତାଙ୍କୁ ବାନ୍ଧିଇ ବକାଇବା ସହିତ ତାଙ୍କ ପାଖରେ ଥିବା ୬.୫୫୦ ଟଙ୍କା ପାଖାପାଖି ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ପଳାଇଯାଇଥିଲେ । ଯିବା ବେଳେ ଧମକ ଦେଇ କହିଗଲେ- "ଦେଖ ବୁଢ଼ା, ପୁଲିସରେ ଏତାଲା ଦେବୁ କିମ୍ବା ମିଡ଼ିଆ ହାଇଲାଇଟ କରିବୁ ତୋତେ ତୋ ପୁଅକୁ ଜୀବନରୁ ମାରିଦେବୁ ।" ସେମାନେ ପାଞ୍ଚ ଛ' ଜଣ ଥିଲେ ଖଣ୍ଡା, ଭୁଜାଲି, ବନ୍ଧୁକ ଭଳି ମାରଣାସ୍ତ୍ର ଧରିଥିଲେ । ଟିକିଏ ଦୂରରେ ଗୋଟିଏ ବୋଲେରୋ ଥିଲା ବୋଲି ଶ୍ରୀ ସେଠୀ କହିଛନ୍ତି । ଏହା ପରେ ସେ ଏତେ ଭୟଭୀତ ହୋଇ ଯାଇଛନ୍ତି ଯେ ପୁଲିସ ପାଖକୁ ଆସିବାକୁ ଡରୁଥିଲେ । ମାତ୍ର ଲୋକମାନଙ୍କ ବାଧରେ ଗତକାଲି ପୁଲିସରେ ଏତଲାଟିଏ ଦେଇ ଚୁପଚାପ ବସିଥିବା ଦେଖାଯାଇଛି । ଗୋଟିଏ ସପ୍ତାହ ପୂର୍ବରୁ ଦହିସଡ଼ାରେ ଘରେ ପଶି ବାନ୍ଧି ପକାଇ ମାରଣାସ୍ତ୍ରୀ ଦେଖାଇ ୫୦ ଲକ୍ଷ ଟଙ୍କାର ଗହଣା ଡକାୟତିର ମାସକ ପୂର୍ବରେ ତେଣ୍ଟେଇରେ ଘର ଭିତରେ ପଶି ଗୁଳି ଫୁଟେଇ ଖଣ୍ଡାରେ ଆକ୍ରମଣ କରିବା ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ମନର ଆତଙ୍କ ସୃଷ୍ଟି କରିଥିବା ବେଳେ ପୁଲିସ ପ୍ରତି ଭରସା ସଂପୂର୍ଣ୍ଣ ଭାବେ ତୁଟିବାରେ ଲାଗିଛି । ଅପରପକ୍ଷରେ ବାଗୁଡ଼ି ମଙ୍ଗଳପୁର ଅଞ୍ଚଳରେ ବାରମ୍ବାର ଡକାୟତି, ଏଟିଏମ୍ ଲୁଟ୍, ବାଗୁଡ଼ି ବଜାର ଉପରେ ଗୁଳି ଚାଳନା ଏବଂ ଜଙ୍ଗଲାଞ୍ଚରୁ ଲୁଟକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଏକ ପାଣ୍ଡି ସ୍ଥାପନ ପାଇଁ ଜନସାଧାରଣଙ୍କ ତରଫରୁ ଦାବି ହୋଇଛି ।

# ବେତନଟୀ ଅବକାରୀ ଥାନାର ନୂତନ ଅଧିକାରୀ ହେଲେ ପ୍ରଦୀପ କୁମାର ବେହେରା

ବେତନଟୀ, ୧୬/୮ (ନି.ପ୍ର): ବେତନଟୀ ଅବକାରୀ ଥାନାର ନୂତନ ଅଧିକାରୀ ହେଲେ ପ୍ରଦୀପ କୁମାର ବେହେରା । ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ଅନୁମୋଦନକ୍ରମେ ଜିଲ୍ଲାକାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥବା ବଦଳି ନିର୍ଦ୍ଦେଶ ମୁତାବକ ଚିଠିନଂ ୩୮୮୧ ଇଏକ୍ସ ତା୨୮/୦୮/୨୦୨୫ରିଖ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ୬ଗୋଟି ଅବକାରୀ ଥାନା ଅଧିକାରୀଙ୍କର ଅଦଳବଦଳ କରାଯାଇଛି । ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁଙ୍କର ଦେଉଳୀ ଅବକାରୀ ଥାନା ଅଧିକାରୀ ଭାବେ ବଦଳି ହୋଇଥିବା ବେଳେ ଦେଉଳୀ ଅବକାରୀ ଥାନାରେ କାର୍ଯ୍ୟରତ ପ୍ରଦୀପ କୁମାର ବେହେରାଙ୍କର ବେତନଟୀ ଅବକାରୀ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି । ଏଣ୍ଟ୍ସହିତ ମୟୂରଭଞ୍ଜ ଜିଲ୍ଲାର ଉଦଳା, ସଦର, ଯଶିପୁର, ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀଙ୍କର ମଧ୍ୟ ଅଦଳବଦଳ କରାଯାଇଛି ।

# ସାମାଜିକ ସଂଗଠନ 'ଚେତନା' ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୮ (ନି.ପ୍ର): ବାଲେଶ୍ୱର ସହରର ବିଦ୍ୟୁତ୍ ମାର୍ଗ ନିକଟ ଧଉଳୀ ନଗର ସ୍ଥିତ ସାମାଜିକ ସଂଗଠନ 'ଚେତନା'ର କାର୍ଯ୍ୟାଳୟ '୭୯'ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଦୈନିକ ଖବର କାଗଜ 'ସମାଜ'ର ଡେସ୍କ ଇନଚାର୍ଜ ତଥା ବରିଷ୍ଠ ସାମ୍ବାଦିକ ଶଶୀରଂଜନ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବହୁ ପୁରାତନ ତଥା ପ୍ରକୃତ ସେବା ଧର୍ମୀ ଓ ଗଠନ ମୂଳକ ଅନୁଷ୍ଠାନ 'ଚେତନା'ର ଅତୀତର କାର୍ଯ୍ୟ ଧାରାକୁ ପ୍ରଶଂସା କରି 'ଚେତନା' ଆଗାମୀ ଦିନରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଧର୍ମୀ କାର୍ଯ୍ୟକ୍ରମ ହାତକୁ ନେଉ ବୋଲି ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ଚେତନା'ର ସଂପାଦକ ତଥା ଆଇନଜୀବୀ ପର୍ଶୁରାମ ପ୍ରଧାନ ଅନୁଷ୍ଠାନର ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟାବଳୀ ବିଷୟରେ ସମ୍ୟକ୍ ସୂଚନା ଦେବା ସହ ସମାଜରେ କରୋନା ମହାମାରୀ ପରେ ଦେଖା ଦେଇଥିବା ଆତ୍ମଦାହ ଜନିତ ସମସ୍ୟାର ସମାଧାନ ଦିଗରେ ଅନୁଷ୍ଠାନ ବିଶେଷ ସଚେତନତା ସୃଷ୍ଟି କରିବ ବୋଲି ଜଣାଇଥିଲେ । ସଂଗଠନର ଉପସଭାପତି ଆଡ୍‌ଭୋକେଟ୍ ସିଦ୍ଧାନ୍ତ ଶେଖର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପଦେଷ୍ଟା ମୁରଲୀଧର ନାୟକ ରୋଟାରିଆନ୍ ଯଶୋଦା ନନ୍ଦନ ଆଶ, ଗୌରାଙ୍ଗ ସୁନ୍ଦର ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ରତନ କିଶୋର ଦେ ଓ ପିତାମ୍ବର ଶତପଥୀଙ୍କ ସମେତ ଶିକ୍ଷୟିତ୍ରୀ ସ୍ନେହଲତା ରଥ, ଅନଙ୍ଗ ମଞ୍ଜରୀ ବେହେରା, ଉଷାରାଣୀ ପଣ୍ଡା ପ୍ରମୁଖଙ୍କ ସମେତ 'ଚେତନା' ପରିବାରର ତାପସ କୁମାର ପ୍ରଧାନ, ବାଞ୍ଛାନିଧି ଦାସ, ହରେକୃଷ୍ଣ ପରିଡ଼ା, ରାଜୀବ କୁମାର ବେହେରା, ସାଇ ଆଶିଷ ପ୍ରଧାନ, ପୂର୍ଣ୍ଣେନ୍ଦୁ ମହାନ୍ତି, ଶେଖ ଲୁତଫର ରହେମାନ ଏବଂ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ ସହରରେ ଗଢ଼ି ଉଠିଥିବା ଉକ୍ତ ଅନୁଷ୍ଠାନ ତିନି ଦଶନ୍ଧି ଧରି ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି ଚାଲୁ ରଖିଛି ।

# ସ୍ୱାଧିନତା ଦିବସ ଉପଲକ୍ଷେ ବାଲିଅନ୍ତା ପ୍ରେସ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ବାଲକାଟି , ୧୬/୮ (ନି.ପ୍ର): ୭୯ତମ ସ୍ୱାଧିନତା ଦିବସ ଉପଲକ୍ଷେ ବାଲିଅନ୍ତା ପ୍ରେସ୍ କ୍ଲବ୍ ପକ୍ଷରୁ ପ୍ରତି ବର୍ଷଭଳି ଚ଼ଳିତ ବର୍ଷ ଏକ ରକ୍ତଦାନ ଶିବିର ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଶିବିରର ଉଦ୍ଘାଟନ ଉତ୍ସବରେ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଯୁବ ନେତା ସୁବ୍ରତ କୁମାର ମହାନ୍ତି, ଶିକ୍ଷାବିତ୍ ଡ଼ଃ ରଜନୀ ରଞ୍ଜନ ଦାସ, ବାଲିପାଟଣା ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲିପ କୁମାର ଓଝା ,ଲକ୍ଷ୍ମୀଧର ପ୍ରଧାନ , ରାଜଧାନୀ ପୁସ୍ତକମେଳାର ସଂପାଦକ ବିଧୁଭୁଷଣ ପଟନାୟକ, ନିର୍ମାଣ ଏଜୁକେସନାଲ ଟ୍ରଷ୍ଟ ଅଧକ୍ଷ ଶିଦ୍ଧେଶ୍ୱର ମହାନ୍ତି,ଶିଦ୍ଧି ବିନାୟକ ଚ୍ୟାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା, ଭୁବନେଶ୍ୱର ଓକିଲ ସଂଘର ସଂପାଦକ ଅଧିବକ୍ତା ସତ୍ୟନାରାୟଣ ସେନାପତି ,ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡ଼ାକ୍ତର ଶୁଭ୍ରଜିତ୍ ପ୍ରହରାଜ , ସମାଜସେବି ରୁଦ୍ର ପ୍ରସାଦ ଭଞ୍ଜ,ରଞ୍ଜନ କୁମାର ମହାପାତ୍ର, ଚୌଧୁରୀ ଦ୍ୱାରିକାନାଥ ଦାସ, ଚ଼କ୍ରଧର ନାୟକ, ଶିବ ମଲ୍ଲିକ , ଦିଲ୍ଲିପ ପାତ୍ର, ପ୍ରଦିପ କୁମାର ମହାନ୍ତି ,ବ୍ରହ୍ମାନନ୍ଦ ସ୍ୱାଇଁ, ବିଜୟ ମହାରଣା,ବେଣୁଧର ଭୋଇ ଓ ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ମୁନିସପାଲିଟି ହସ୍ପିଟାଲ ବ୍ଲଡ ବ୍ୟାଙ୍କ ଦ୍ୱାରା ସଂଗୃହୀତ ଏହି ରକ୍ତଦାନ ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।ରକ୍ତଦାନ ଶିବିର,ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ବିଭିନ୍ନ ଜନ ସଚେତନତା ଭଳି କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନର ଉଦ୍ୟମକୁ ଅତିଥିମାନେ ଭୁରି ଭୁରି ପ୍ରଶଂସା କରିଥିଲେ ।ଅନୁଷ୍ଠାନର ସଭାପତି ସୋମନାଥ ସ୍ୱାଇଁ, ମନୋଜ କୁମାର ମଣ୍ଡଳ , ନିରଞ୍ଜନ ସେନାପତି,ଭଗବାନ ନାୟକ,ନବକିଶୋର ନାୟକ , ନିଶିକାନ୍ତ ପଣ୍ଡା ଓ ଚ଼ିନ୍ମୟୀ ପାଲ୍ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜାତିୟ ପତକା ଉତ୍ତୋଳନ ଠାରୁ ଆରମ୍ଭ କରି ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସମ୍ପାଦନ ହୋଇଥିଲା ।

# ପ୍ରତିମା ସେବା ସଦନରେ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ

ବାଲେଶ୍ୱର , ୧୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହିସ୍ଥ ପ୍ରତିମା ସେବା ସଦନ ରେ ୭୯ ତମ ସ୍ୱାଧିନତା ଦିବସ ବସନ୍ତ ଲତା ପଟ୍ଟନାୟକଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କର୍ଣ୍ଣେଲ ବିଜୟ କୁମାର ପତି ଯୋଗ ଦେଇ ଜାତୀୟ ପତାକାକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ଚନ୍ଦ୍ରାୟ ହେମ୍ବ୍ରମ, ଶ୍ରୀ ନିବାସ ଦାସ , ବିଷ୍ଣୁ ହାଁସଦା, ଜି ଭବାନୀ ଆକାଶ ମେହେଗା, ସାଇନା ମହାପାତ୍ର, ଶୁଭମ୍ ଦାସ, ଚାନ୍ଦିନୀ ହାଁସଦା, ନିବେଦିତା ମହାଳିକ, ସାଇନି ମହାପାତ୍ର, ଆୟୁଷ ଜେନା, ନିରଞ୍ଜନ ଚନ୍ଦ୍ରାୟ, ବହୁ ବୁଦ୍ଧିଜୀବୀ ଆଇନ ଜୀବି ଯୋଗ ଦେଇଥିଲେ । ସଭାପତି ବସନ୍ତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେଉଁ ମହାପୁରୁଷ ଦେଶ ପାଇଁ ନିଜକୁ ବଳିଦାନ ଦେଇ ସ୍ୱାଧୀନ କରିଛନ୍ତି ସେହି ମାନଙ୍କୁ ମନେ ପକାଇବା ପାଇଁ ଆମେ ସ୍ୱାଧିନତା ଦିବସ ପାଳନ କରୁ । ଏ ଦେଶର ଭବିଷ୍ୟତ ହେଉଛି ଯୁବ ପିଢ଼ି ତେଣୁ ଯୁବ ପିଢ଼ି ଙ୍କୁ ଗଢ଼ି ତୋଳିବା ଆମ ମାନଙ୍କର କର୍ତ୍ତବ୍ୟ । ଦେଶ ଆଗକୁ ଯାଉ ତାର ଉତ୍ତର ଉତ୍ତରୋ ଉନ୍ନତି କାମନା କରିଥିଲେ । କର୍ଣ୍ଣେଲ ବିଜୟ କୁମାର ପତି କହିଲେ ଜନ ସମାଜ ଏକତ୍ରିତ ହୋଇ ଦେଶର ଅଗ୍ରଗତି ପାଇଁ ଚେଷ୍ଟା କରିବା ଦରକାର ବୋଲି କହିଥିଲେ । ଚନ୍ଦ୍ରାୟ ହେମ୍ବ୍ରମ କହିଥିଲେ ଦେଶ ସ୍ୱାଧିନତା ଦିବସ ପାଳନ କରୁଛି ସତ କିନ୍ତୁ ପ୍ରକୃତ ଲୋକ ସ୍ୱାଧିନତା ପାଇ ପରୁ ନାହାନ୍ତି ବେରୋଜୋଗାରି ଡାକ୍ତର ଖାନା ରେ ବିଭିନ୍ନ ପ୍ରକାର ଅସୁବିଧା ଲୋକେ ସମ୍ମୁଖୀନ ହେଉଛନ୍ତି । ତେଣୁ ସରକାର ଏସବୁ ଧ୍ୟାନ ଦେବା ଉଚିତ୍ । ଯେପରି ଭାବେ ଦେଶ ଆଗକୁ ଯିବ ସେଥି ପାଇଁ ଚେଷ୍ଟା କରିବା ଦରକାର । ଏଥି ପାଇଁ ଆମେ ସମସ୍ତେ ତ୍ୟାଗ ଭାବ ରହିବା ଦରକାର କହିଥିଲେ । ଏହି ୭୯ ତମ ସ୍ୱାଧିନତା ଦିବସ କୁ ପ୍ରତିମା ସେବା ସଦନ ରେ ଛାତ୍ର ଛାତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲେଶ୍ୱର 'ହସ' ପରିବାର ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୮ (ନି.ପ୍ର): ୭୯ତମ ସ୍ୱାଧୀନତା ଦିବସ ସ୍ଥାନୀୟ ମିଶନ ପଡ଼ିଆରେ ପାଳନ କରାଯାଇଥିଲା । ହସ ପରିବାରର ପ୍ରାୟ ୩୦ଜଣ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଭୋର ୫ଟା ବେଳେ ସଦସ୍ୟ ଓ ସଦସ୍ୟଶମାନେ ପଡ଼ିଆରେ ପ୍ରାତଃ ପରିକ୍ରମା ସାରି ୫ଟା ୪୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ ପର୍ବ ପାଳନ କରିଥିଲେ । ପ୍ରବଳ ବର୍ଷା ହେଉଥିଲେ ମଧ୍ୟ ବାଲେଶ୍ୱର ହସ ପରିବାରର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ହୋଇ ଜାତୀୟ ସ୍ୱାଧୀନତା ଦିବସକୁ ଆନନ୍ଦ ଓ ଉତ୍ସାହିତ ସହିତ ପାଳନ କରିଥିଲେ । ଜାତୀୟ ପତାକା ଚତୁର୍ପାଶ୍ୱରେ ସମବେତ ହୋଇ ଜାତୀୟ ସଂଗୀତ 'ଜନଗଣ ମନ ଅଧି' ଗାନ କରିଥିଲେ । 'ବନ୍ଦେ ମାତରମ୍', 'ଭାରତ ମାତା କି' ମହାତ୍ମା ଗାନ୍ଧି କି, ଜବହରଲାଲ ନେହେରୁ କି, ସୁବାଷ ଚନ୍ଦ୍ର ବୋଷ କି ଜୟ ଧ୍ୱନିରେ ଅଭିବାଦନ ଜଣାଇଥିଲେ । ସ୍ୱାଧୀନତା ଦିବସର ଆଭିମୁଖ୍ୟ ଓ ସ୍ୱାଭିମାନ ବିଷୟରେ ସଦସ୍ୟ ଓ ସଦସ୍ୟା ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଶେଷରେ ଏହି ଶୁଭ ଦିବସ ପାଳନ ଉପଲକ୍ଷେ ମିଷ୍ଟାନ୍ନ ବଣ୍ଟନ୍ନ କରାଯାଇଥିଲା ।

# ବାଲେଶ୍ୱର ଦୁର୍ନୀତି ସଂଘର୍ଷ ମଞ୍ଚରେ ୭୯ ତମ ସ୍ୱାଧିନତା ଦିବସ ପାଳିତ

ବାଲେଶ୍ୱର, ୧୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଚର୍ଚ୍ଚ ଲେନରେ ଦୁର୍ନୀତି ସଂଘର୍ଷ ମଞ୍ଚରେ ୭୯ ତମ ସ୍ୱାଧିନତା ଦିବସ ସଭାପତି ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ସ୍ୱାଧୀନ ଦିବସରେ ପ୍ରେସ ଇମ୍ପ୍ରେସ ମିଡିଆ କ୍ଲବରେ ସଭାପତି ଉଜ୍ଜଳ ଚନ୍ଦ୍ର କର ଯୋଗ ଦେଇ ଜାତୀୟ ପତାକାକୁ ଉଦଘାଟନ କରିଥିଲେ । ଏହି ସ୍ୱାଧିନତା ଦିବସରେ ବରିଷ୍ଠ ସାମ୍ବାଦିକ ଗଗନ କୁମାର ସେଠୀ ବାସୁଦେବ ରାହୁଳ , ସୁରେଶ ରଣା , ଜ୍ଞାନ ରଞ୍ଜନ ମିଶ୍ର , ପୂର୍ଣ୍ଣ ଚନ୍ଦ୍ର ବେହେରା, ଭଗବାନ ଚନ୍ଦ୍ର ଦାସ, କମଳା କାନ୍ତ ନାୟକ , ଯଶୋଦା ନନ୍ଦନ ଆସ୍ ଯୋଗ ଦେଇଥିଲେ । ମିଡିଆ କ୍ଲବ ର ସଭାପତି ଉଜ୍ଜଳ ଚନ୍ଦ୍ର କର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମହାପୁରୁଷ ମାନେ ବହୁ ସଂଘର୍ଷ କରି ଦେଶକୁ ସ୍ୱାଧିନତା କରିଛନ୍ତି । ତେଣୁ ଆମେ ସମସ୍ତ ଜନସାଧାରଣ କିପରି ଦୁର୍ନୀତି ଲୋପ ପାଇବ ଚେଷ୍ଟା କରିବା । ଦୁର୍ନୀତି ଦେଖା ଦେଲେ ଦେଶର ଅଗ୍ରଗତି ରେ ବାଧା ସୃଷ୍ଟି ହେବ ସେଥିପାଇଁ ଧ୍ୟାନ ଦେବା ଉଚିତ୍ । ଦୁର୍ନୀତି ସଂଘର୍ଷ ମଞ୍ଚ ର ସଭାପତି ମହେଶ୍ୱର ପ୍ରଧାନ ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇ ଏକତ୍ରିତ ସ୍ୱାଧିନତା ଦିବସ ପାଳନ କରିଥିବାରୁ ଧନ୍ୟବାଦ ଦେଇ ଥିଲେ । ଦୁର୍ନୀତି ସଂଘର୍ଷ ମଞ୍ଚ ର ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

# ବାସୁଦେବପୁରରେ ୭୯ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ




ବାସୁଦେବପୁର, ୧୬/୮ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ଅଟଳ ବିହାରୀ ହାଇସ୍କୁଲ୍ ପରିସରରେ ୭୯ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ସଂଗ୍ରାମ,ଦେଶ, ଜାତି, ଭାଷା ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଏନ ସି ସି ର ପରେଶ୍ ସାଁ, ଅଟଳ ବିହାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ, ପୌର ଉପାଧକ୍ଷ ଉତ୍ତମ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ୍ ପ୍ୟାରେଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଅଟଳ ବିହାରୀ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ, ମିରାକିଲ ପବ୍ଲିକ୍ ସ୍କୁଲ୍, ଶିଶୁ ବିହାର,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ରୟାଲ ହାଇସ୍କୁଲ୍, ରାମକୃଷ୍ଣ ବିଦ୍ୟା ନିକେତନ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସାଇ ପବ୍ଲିକ ସ୍କୁଲ,ତୃପ୍ତି ମହିଳା ମହାବିଦ୍ୟାଳୟ, ଅଟଳ ବିହାରୀ କଲେଜ ଓ ମନ୍ଦାରି କଲେଜ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଅଟଳ ବିହାରୀ ହାଇସ୍କୁଲ୍ ର ପ୍ରାଚୀର ପତ୍ରିକା ଅନନ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ପୌର ପାଳିକାର ସମସ୍ତ କର୍ମଚାରୀ ଓ ଅଟଳ ବିହାରୀ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି ଅବସରରେ ବାସୁଦେବପୁର ସଙ୍ଗୀତ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସେହିପରି ବାସୁଦେବପୁର ଥାନା, ତହସିଲ୍ ଅଫିସ୍, ବ୍ଲକ୍ ଅଫିସ, ମେଡ଼ିକାଲ, ପୌର ପାଳିକା, ବଣିକ ସଂଘ, ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ, ବାସୁଦେବପୁର ଟାଉନ୍ କ୍ଲବ୍,ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସତ୍ୟ ସାଇ ଆଇ ଟି ଆଇ, ବୀରଭଦ୍ର ଆଇ ଟି ଆଇ,ବିଜୁ ଜନତା ଦଳ କାର୍ଯ୍ୟାଳୟ, କଂଗ୍ରେସ୍ କାର୍ଯ୍ୟାଳୟ ଓ ବିଜେପି କାର୍ଯ୍ୟାଳୟ ପ୍ରଭୃତି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଶହୀଦ ତୀର୍ଥଯାତ୍ରୀ ପ୍ରତିଷ୍ଠାତା ବୈଲୋଚନ ଜେନା, ଶିକ୍ଷାବିତ୍ ଦୁଃଶାସନ ରାଉତ୍, ଅଧ୍ୟାପକ ବସନ୍ତ ଦାଶ, କବି କୈଳାସ ଚନ୍ଦ୍ର ନାଥ, ପ୍ରଣୟ ମହାପାତ୍ର, ସୁଶେସ୍ ରଞ୍ଜନ ବାରିକ୍, କବି ସୁଧାଂଶୁ ଶେଖର ମିଶ୍ର, କବି ଧନେଶ୍ୱର ରାଉତ୍, ନିରଞ୍ଜନ ସେଠି ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ବାସୁଦେବପୁର ପ୍ରେସ କ୍ଲବ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏଥିରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଦେଶ ଜାତି ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଅଧିବକ୍ତା ତଥା ବାସୁଦେବପୁର ପ୍ରେସ କ୍ଲବ୍ ସମ୍ପାଦକ ନୀରଦ କୁମାର ଦାଶ, ପ୍ରେସ କ୍ଲବ୍ ସଭାପତି ରମାକାନ୍ତ ବାରିକ୍ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସାମ୍ବାଦିକ ବୈଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେସ କ୍ଲବ୍ ର ସମସ୍ତ ସାମ୍ବାଦିକ ସହଯୋଗ କରିଥିଲେ । ସେହିପରି ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ସହରରେ ଥିବା ମହାତ୍ମା ଗାନ୍ଧୀ,ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା ।

# ରାଇବଣିଆ ବିଜେପି ପକ୍ଷରୁ ୭୯ତମ ସ୍ୱାଧିନତା ଦିବସ ପାଳିତ



ଜଳେଶ୍ୱର , ୧୬/୮ (ନି.ପ୍ର): ରାଇବଣିଆ ବିଜେପି ମଣ୍ଡଳପକ୍ଷରୁ ଆନନ୍ଦ ଉଲ୍ଲାସ ଏବଂ ଗୋ ?ରବର ସହ ଭାରତୀୟ ଜନତା ପାର୍ଟିର ରାଇବଣିଆ ମଣ୍ଡଳ ସଭାପତି ଶ୍ରୀ ସଞ୍ଜିବ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାଧିନତା ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟିର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ନାରାୟଣ ଚନ୍ଦ୍ର ଦାସ ପତାକା ଉତ୍ତୋଳନ କରିଥିଲେ ।ପତାକା ଉତ୍ତୋଳନ ଉତ୍ସବରେ ରାଇବଣିଆ ଶକ୍ତି କେନ୍ଦ୍ରର ପୂର୍ବତନ ସମିତି ସଭ୍ୟ ଶ୍ରୀ ଦିଗମ୍ବର ଦାସ ସଭାପତିତ୍ୱ ତଥା ମଞ୍ଚ ଆହ୍ୱାନ କରିଥିଲେ ।ଏହା ସହିତ ରାଇବଣିଆ ତାରିଣୀ ମନ୍ଦୀର ଠାରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ ରାଇବଣିଆ ରଥ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲୁ ଏବଂ ସେଠାରୁ ରାଇବଣିଆ ମଣ୍ଡଳ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତନ କରିଥିଲୁ । ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି, ରାଇବଣିଆ ମଣ୍ଡଳର ନୂତନ ମଣ୍ଡଳ କାର୍ଯ୍ୟାଳୟ ଉଦଘାଟନ କରାଯାଇଥିଲା ।ଏହି ଉଦଘାଟନୀ ଉତ୍ସବରେ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା ମହୋଦୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ କରିଥିଲେ । ,ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ମଣ୍ଡଳ କାର୍ଯ୍ୟାଳୟ ଉଦଘାଟନ କାର୍ଯ୍ୟକ୍ରମରେ ଶ୍ରୀ ତରୁଣ ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିଭାବେ ଶ୍ରୀ କାଳି ଚରଣ ଦାସ ଉପସ୍ଥିତ ରହି ସେବା, ସଂଗଠନ, ଏବଂ ସମର୍ପଣ ବିଷୟରେ ମାର୍ଗ ଦର୍ଶନ କରିଥିଲେ । ଏହା ସହିତ ରାଇବଣିଆ ମଣ୍ଡଳର ଭାରତୀୟ ଜନତା ପାର୍ଟିର ସମସ୍ତ ପଦାଧିକାରୀ ତଥା କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ, ଶ୍ରୀ ରାଷ ବିହାରି ରଣା, ଶ୍ରୀ ବିନୟ କୁମାର ଶୁକ୍ଲ, ଶ୍ରୀ ସତ୍ୟ ବ୍ରତ ମହାପାତ୍ର, ଶ୍ରୀ ସନତ କୁମାର ସାହୁ, ଶ୍ରୀ ସୁଜିତ ଦାସ, ପ୍ରଶାନ୍ତ ଦାସ, ସୁକାନ୍ତ ଜେନା, ଅଜିତ ସିଂ, ଉଦୟ ନାଥ ମୁର୍ମୁ, ନିହାର ରଞ୍ଜନ ଦାସ, ରାକେଶ ମହାନ୍ତି, ଗୋଲକ ବାରିକ, ହରିପଦ ବେରା, ମହେଶ୍ୱର ଦାସ, ବିଶ୍ୱ ନାଥ ପରିଡ଼ା, ରବିନ୍ଦ୍ରନାଥ ମହାପାତ୍ର ଏବଂ ଏହି ମଣ୍ଡଳର ନାରୀ ନେତ୍ରୀ ଶ୍ରୀମତୀ ସୁଷମା ମହାନ୍ତି ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଅଗଷ୍ଟ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)

କେମିତି ହୋଇଥିବ ସୁନାର ସୀତା ? ଏହିକଥା ଭାବୁଭାବୁ ସହସା ତାଙ୍କ ଚକ୍ଷୁରେ ନିଦ୍ରା ନିଜ ସ୍ଥାନ ଜାହିର କରନ୍ତେ, କୁଡ଼ିଆ ଭିତରକୁ ଯାଇ ନିଜ ଶରୀରକୁ ଚଟାଣ ଉପରେ ଲୋଟାଇ ଦେଇଥିଲେ ସେ । ତାପରେ ସବୁ ଅନ୍ଧକାର । ସେହି ଅନ୍ଧକାର ଭିତରେ ସେ ଯାଇ ପହଞ୍ଚି ଯାଇଥିଲେ ଅଯୋଧ୍ୟା ନଗରୀରେ ।

ଅଯୋଧ୍ୟା ତାଙ୍କର ଅତି ପରିଚିତ । ବେଶି ଦିନ ନହେଲେ ବି ଦୁଇତିନିବର୍ଷ ସମୟ ସେ ଅଯୋଧ୍ୟାରେ ବିତାଇଛନ୍ତି । ରାଜପ୍ରାସାଦ ଉପରେ ମାଳମାଳ ଦୀପ ଜଳୁଛି । ଦୀପାଲୋକରେ ଝଲସି ଉଠୁଛି ଅଯୋଧ୍ୟାନଗରୀ। ବେଶ୍ ଶୁନ୍‌ଶାନ୍ । ପ୍ରହରୀମାନେ ପ୍ରହରା ଦେଉଛନ୍ତି । ବିନା ବାଧାରେ ସେ ପଶି ଯାଉଛନ୍ତି ରାଜଭବନ ଭିତରକୁ । କେହି ତାଙ୍କୁ କିଛି କହୁନାହାନ୍ତି । ସତରେ କ'ଣ ତାଙ୍କୁ କେହି ଦେଖିପାରୁ ନାହାନ୍ତି ? ରାଜଭବନରୁ ଅନ୍ତଃପୁର । ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସମସ୍ତଙ୍କ କକ୍ଷ ଭିତରୁ ବନ୍ଦ ରହିଛି । ଇଚ୍ଛା ଥିଲା ତିନି ଭଉଣୀକୁ ଟିକିଏ ସାକ୍ଷାତ କରିଥାନ୍ତେ। ତାହା କେମିତି ସମ୍ଭବ । ଏତେ ରାତିରେ ତାଙ୍କୁ ଶଯ୍ୟାରୁ ଜାଗ୍ରତ କରିବା ଉଚିତ ହେବନାହିଁ । ଶାଶୁମାନେ ମଧ୍ୟ ଦ୍ୱାର କିଳି ଶୟନ କରିଛନ୍ତି । ଶେଷରେ ଯାଇ ଆତ୍ମା ସୀତା ପହଞ୍ଚିଥିଲେ ନିଜ ଶୟନ କକ୍ଷ ନିକଟରେ । ଶୟନ କକ୍ଷର ଦ୍ୱାର ଖୋଲା । ସ୍ୱାମୀ ତାଙ୍କର ଦ୍ୱାରବନ୍ଦ ନକରି ଶୋଇଛନ୍ତି କିପରି ? ଶୋଇଛନ୍ତି କିମ୍ବା ରହିଁଛନ୍ତି ତାହା ଜାଣିବା ପାଇଁ ସେ ପାଦ ବଢ଼ାଇଥିଲେ ଶୟନକକ୍ଷକୁ । ଦୀପଟିଏ ଗୃହ ଭିତରେ ଜଳୁଛି। ସ୍ୱାମୀ ତାଙ୍କର ଶୟନ କରିଛନ୍ତି ପଲଙ୍କ ଉପରେ। ଉତ୍ତାନଶାୟୀ ହୋଇ ଶୋଇ ରହିଛନ୍ତି ସେ । ନିଦ୍ରିତ ନା ଜାଗ୍ରତ ? ସ୍ୱାମୀଙ୍କ ନିକଟତର ହେଲେ ସେ । ନା ସ୍ୱାମୀ ତାଙ୍କର ଶୋଇ ଯାଇଛନ୍ତି । ଘର ଭିତରକୁ ଭଲ ଭାବରେ ଲକ୍ଷ୍ୟକଲେ ସେ । ଏ କ'ଣ ଘର ଭିତର କାନ୍ଥରେ ସବୁଠି ସୀତା ସୀତା ବୋଲି ଲେଖି ଦିଆଯାଇଛି । ତିଳେ ପ୍ରମାଣେ ସ୍ଥାନ ମଧ୍ୟ ଫାଙ୍କା ନାହିଁ । ସବୁଠି ସୀତା ଆଉ ସୀତା । ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଆତ୍ମା ସୀତା । ଚକ୍ଷୁରୁ ବହିବାକୁ ଲାଗିଥିଲା ଲୋତକର ଧାର । କେତେ ଭଲ ନପାଆନ୍ତି ପ୍ରଭୁ ତାଙ୍କ ସୀତାକୁ । ଏହି ସମୟରେ ତାଙ୍କ କର୍ଣ୍ଣରେ କ୍ଷୀଣ ସ୍ୱରରେ ଧ୍ୱନିତ ହୋଇଥିଲା ସୀତା, ସୀତା ସ୍ୱର। ଚମକି ଉଠିଥିଲେ ସେ । କିଏ ? ଏ ଘରେ ତାଙ୍କ ନାମ ଧରି ଡାକୁଛି କିଏ ? ଏ ଘରେ ତ ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଆଉ କେହି ନାହାନ୍ତି । ଏତ ତାଙ୍କରି କଣ୍ଠସ୍ୱର । ତାହେଲେ ସେ ଶୋଇଥିବା ଅବସ୍ଥାରେ କ'ଣ ତାଙ୍କ ତୁଣ୍ଡରୁ ସୀତାନାମ ଝରି ଆସୁଛି । ଦୀପାଲୋକରେ ଝଲସି ଉଠୁଛି ସ୍ୱାମୀଙ୍କ ମୁହଁ । ବିଷାଦର କଳାମେଘ ଯେମିତି ଛାଇଯାଇଛି ତାଙ୍କ ମୁଖରେ। ବିନ୍ଦୁବିନ୍ଦୁ ଝାଳ ମୁହଁରେ ଜମିଯାଇଛି । ତାଙ୍କର ଇଚ୍ଛା ହେଲା ପଣତରେ ସ୍ୱାମୀଙ୍କ ମୁଖରୁ ସେ ଝାଳକୁ ପୋଛିଦିଅନ୍ତେ । ହାତ ବଢ଼ାଇଲେ, ହେଲେ ହାତ ଅଟକି ଗଲା । କେମିତି ଛୁଇଁବେ ସେ ସ୍ୱାମୀଙ୍କୁ ? ସେ ଯେ ନିର୍ବାସିତା । ମୁଖମଣ୍ଡଳରୁ ହାତକୁ ବାହାର କରି ଆଣିଲେ ସେ। ନିରୀକ୍ଷଣ କଲେ ସ୍ୱାମୀଙ୍କ ମୁଖକୁ । କେତେ ଦୁଃଖରେ ଅଛନ୍ତି ପ୍ରଭୁ । କିନ୍ତୁ କାହିଁ ତାଙ୍କ ମୁଖରୁ ତ ସୀତା ନାମ ଶୁଭୁନାହିଁ । ତାହେଲେ ଏ ନାମ ଆସୁଛି କେଉଁଠୁ ? ଧୀରେଧୀରେ ସେ ସ୍ୱର ବଢ଼ିବାକୁ ଲାଗିଲା । ସୀତା ସୀତା ଧ୍ୱନିରେ ଯେମିତି ଘରଟା ଫାଟିପଡ଼ିବ। ଚମକି ଉଠିଥିଲେ ଆତ୍ମା ସୀତା । ଏହା ସମ୍ଭବ ହେଉଛି କିପରି ? ଏହା ଯଦି ସତ୍ୟ ହୋଇଥାଏ ତାହେଲେ ଏ ନାମ ଶୁଣି ପୁରବାସୀ ମାନେ ଧାଇଁ ଆସିବେ । ମନେମନେ ପ୍ରାର୍ଥନା କଲେ, ପ୍ରଭୁ ଏ ଅଭାଗିନୀ ଦାସୀ ଅଯୋଧ୍ୟାକୁ ଆସିଛି ଆପଣଙ୍କୁ ଥରେ ଦେଖିଯିବା ପାଇଁ । ଦେଖିଯିବା ପାଇଁ ଆପଣଙ୍କ ଯଜ୍ଞ ପାଇଁ ନିର୍ମିତ ମୋ ସୁନା ପ୍ରତିମୂର୍ତ୍ତିକୁ । ଆପଣ ଆଉ ମୋତେ କଷ୍ଟ ଦିଅନ୍ତୁ ନାହିଁ ପ୍ରଭୁ । ଆପଣଙ୍କ ତୁଣ୍ଡରୁ ଏ ଦରଦଭରା କୋମଳ ସୀତା ସୀତା ବାଣୀ ଶୁଣିଲେ ମୁଁ ଏଇଠି ଟଳିପଡ଼ିବି ସ୍ୱାମୀ । ଆପଣ ଆଉ ମୋତେ ସେ ଅମୃତଝରା ମଧୁର ବଚନରେ ସୀତା ସୀତା ବୋଲି ଡାକନ୍ତୁ ନାହିଁ । ସହସା ଗୃହ ଗମ୍ଭୀର ହୋଇ ଯାଇଥିଲା । ବନ୍ଦ ହୋଇ ଯାଇଥିଲା ସୀତା ସୀତା ଧ୍ୱନି । ନିଜକୁ ସମ୍ଭାଳି ନେଇ ସୀତାଦେବୀ ସ୍ୱାମୀଙ୍କ ପାଦ ପାଖକୁ ଆସି ବସିପଡ଼ିଥିଲେ । କି ସୁନ୍ଦର ପ୍ରଭୁଙ୍କର ଏଇ କଞ୍ଜ ପଦଯୁଗଳ । ଦିନେ ଏ ପାଦରେ ମୁଣ୍ଡ ନଲାଗିଲେ ପାଟିକୁ ଅନ୍ନ ଜଳ ସେ ନେଉନଥିଲେ, ଅଥଚ ଏ ପାଦ ଆଜି ସାତସପନ । ଇଚ୍ଛା ହେଲା ସେ ପାଦରେ ନିଜର ହସ୍ତାଙ୍ଗୁଳକୁ ଟିକିଏ ବୁଲାଇ ଆଣନ୍ତେ । ଅନେକ ଦିନରୁ ସେ କାର୍ଯ୍ୟରୁ ସେ ବଞ୍ଚିତ ହୋଇଛନ୍ତି । ଆଜି ମନଭରି ସେ ପାଦସେବା କରିଯିବେ । ଲୋଟିଯିବେ ପ୍ରଭୁଙ୍କ ପାଦରେ । ଏହା ଭାବି ପାଦ ଯୁଗଳକୁ ହାତବଢ଼ାନ୍ତେ ଅନ୍ତର ଭିତରୁ ଏକ ସ୍ୱର ଝଙ୍କୃତ ହେବାକୁ ଲାଗିଲା 'ତୁ ଏ କ'ଣ କରୁଛୁ ସୀତା ? ତୁ ଯେ ପରିତ୍ୟକ୍ତା । ବିନା ସ୍ୱାମୀର ଆଦେଶରେ ତୁ ତାଙ୍କ ପାଦ ଛୁଇଁବୁ କେମିତି ?'

ନା ଏହା ସମ୍ଭବ ନୁହେଁ । ଏ ପାଦ ଛୁଇଁବା ମନା । ପାଦ ନଛୁଇଁ ପାଦତଳେ ନିଜକୁ ଲୋଟାଇ ଦେଲେ ସେ । ମନଇଚ୍ଛା ଅଶ୍ରୁଜଳ ଢାଳି ପାଦତଳେ ପ୍ରଣାମ କରି ଉଠି ଦେଖନ୍ତି ପ୍ରଭୁଙ୍କ ମସ୍ତକ ପାଖରେ ଏକ ରତ୍ନଖଟୁଲି ଉପରେ ଥୁଆ ହୋଇଛି ସୁନାର ନାରୀ ମୂର୍ତ୍ତିଟିଏ । ଧାଇଁ ଯାଇଥିଲେ ସୀତାଦେବୀ ତା ନିକଟକୁ । ପାଦ ପାଖରେ ଜଳୁଛି ସୁବର୍ଣ୍ଣ ଦୀପଟିଏ । ଦୀପାଲୋକରେ ଝଲସି ଉଠୁଛି ମୂର୍ତ୍ତିଟି । ନିରୀକ୍ଷଣ କଲେ ସୀତାଦେବୀ । ଏ କ'ଣ ? ଏ ତ ସୁନାର ମୂର୍ତ୍ତି ନୁହେଁ ସେ ନିଜେ । ସେ ନିଜେ ବିରାଜମାନ କରିଛନ୍ତି ପ୍ରଭୁଙ୍କ ମସ୍ତକ ପାଖରେ । ଯେମିତି ହସ୍ତ, ପଦ, ମୁଖମଣ୍ଡଳ, ଯେମିତି ଶାଢ଼ୀ ସେ ପରିଧାନ କରନ୍ତି ସବୁ ସେମିତି, ଏ ସୁବର୍ଣ୍ଣଲତା ଦେହରେ । ଏ ପିତୁଳା ହେବ କେମିତି ? ଏ ତ ସେ ନିଜେ । ପାଦ ଦୁଇଟିକୁ ଅତି ସୁନ୍ଦର ଭାବରେ ଅଙ୍କା ଯାଇଛି । ସେ ପାଦତଳେ ସୀତା ସୀତା ଲେଖି ତହିଁରେ ପଦ୍ମଫୁଲ ଦୁଇଟି ରଖି ଦିଆଯାଇଛି । ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି ଆତ୍ମା ସୀତା, ନିଜକୁ ସେ ସୁନା ସୀତା ଭିତରେ ଦେଖି । ପାଦଠାରୁ ବକ୍ଷ ପର୍ଯ୍ୟନ୍ତ, ହସ୍ତଠାରୁ କର୍ଣ୍ଣ ପର୍ଯ୍ୟନ୍ତ ସବୁଠି ଖଞ୍ଜି ଦିଆଯାଇଛି ସୁନା, ହୀରା, ନୀଳା, ମୋତି, ମାଣିକ୍ୟର ଅଳଙ୍କାର । ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ନିରୀକ୍ଷଣ କରି ଚମକି ଉଠିଥିଲେ ଆତ୍ମା ସୀତା । ଏ କ'ଣ ? ସଧବା ନାରୀ ମୁଁ ମୋ ମସ୍ତକରେ ସିନ୍ଦୂର ନାହିଁ । ଏତେ ବଡ଼ ଭୁଲ୍ ମୋ ସ୍ୱାମୀ କଲେ କେମିତି ? କେମିତି ମୋ ମସ୍ତକରେ ସେ ପିନ୍ଧାଇ ଦେଇପାରିଲେ ନାହିଁ ଟୋପାଏ ସିନ୍ଦୂର । ଦେଖିଲେ ସେଇଠି ଥୁଆହୋଇଛି ସୁନାର ସିନ୍ଦୂର ଫରୁଆଟିଏ । ଉଲ୍ଲସିତ ହୋଇ ଉଠିଥିଲେ ସୀତାଦେବୀ । ଏ ତ ମୋରି ସିନ୍ଦୂର ଫରୁଆ । ଏ ଫରୁଆରୁ ସିନ୍ଦୂର ନେଇ ମୁଁ ଅଯୋଧ୍ୟାରେ ଥିଲାବେଳେ ପିନ୍ଧୁଥାଏ । ଏହି ସିନ୍ଦୂର ଫରୁଆଟିକୁ ମାତା ମନ୍ଦୋଦରୀ ମୋତେ ଲଙ୍କାରୁ ଫେରିବାବେଳେ ଦେଇଥିଲେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ପୁଣି ବିବାଦରେ ରାଜ୍ୟପାଳ

### ସୌଭାଗ୍ୟ ରଞ୍ଜନ ମହାନ୍ତି



ଆମ ଦେଶରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ନୂଆ ନୁହେଁ। ତେବେ ଗତ ଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ ଏବଂ ନିର୍ବାଚିତ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତାକୁ ନେଇ ବିବାଦ ବଢିଚାଲିଛି। ବିଶେଷ କରି ଅଣ-ବିଜେପି ଶାସିତ ରାଜ୍ୟଗୁଡିକରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲକ୍ଷ୍ୟ କରାଯାଏ। ରାଜ୍ୟପାଳଙ୍କ ମନୋମୁଖୀ, ସମ୍ବିଧାନ ବିରୋଧି କାର୍ଯ୍ୟକଳାପରେ ବହୁ ଅଣ-ବିଜେପି ତଥା ବିରୋଧି ଦଳର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ଛାଟ ସତ୍ତ୍ୱେ ବହୁ ରାଜଭବନ ସୁଧୁରୁନଥିବା ଅଭିଯୋଗ ବଢିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଗଲା ଏପ୍ରିଲ ମାସରେ ତାମିଲନାଡୁର ରାଜ୍ୟପାଳ ଆର.ଏନ.ରବିଙ୍କୁ ସୁପ୍ରିମକୋର୍ଟଙ୍କ କଡା ଭର୍ତ୍ସନା ସତ୍ତ୍ୱେ କେତେକ ରାଜ୍ୟପାଳଙ୍କର ରାଜ୍ୟ ସରକାରଙ୍କ ପ୍ରତି ବିରୋଧାତ୍ମକ ଆଭିମୁଖ୍ୟରେ ପରିବର୍ତନ ବା ସୁଧାର ଆଣିନଥିବା ସେମାନଙ୍କର ଆଚରଣ ସ୍ପଷ୍ଟ ସଂକେତ ପ୍ରଦାନ କରେ। ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟ କେବଳ ଭର୍ତ୍ସନା କରିନଥିଲେ, ବର୍ଷ ବର୍ଷ ଧରି ଅଟକାଇ ରଖିଥିବା ରାଜ୍ୟ ବିଧାନସଭାରେ ଅନୁମୋଦିତ ୧୦ଟି ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ବିଲ୍‌କୁ ମଧ୍ୟ ରାଜ୍ୟପାଳଙ୍କ ସ୍ୱୀକୃତି ବିନା କାର୍ଯ୍ୟକାରୀ କରାଇଥିଲେ। ଏଥିସହ ଯେକୌଣସି ବିଲକୁ ମଧ୍ୟ ମଂଜୁରି ପ୍ରଦାନର ସମୟସୀମା ମଧ୍ୟ ଧାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ରାଷ୍ଟ୍ରପତିଙ୍କ ମଂଜୁରୀ ପାଇଁ ରାଜ୍ୟପାଳ ସୁପାରିଶ କରିବାର ଅବଧି ମଧ୍ୟ ଧାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ ଗଲା ସପ୍ତାହରେ ରାଜ୍ୟପାଳ ରବି ନିଜେ ମଂଜୁରି ଦେବା ପରିବର୍ତେ କାଲାଇଗନର ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ଏକ ବିଲକୁ ରାଷ୍ଟ୍ରପତିଙ୍କ ମଂଜୁରି ପାଇଁ ସୁପାରିଶ କରିଛନ୍ତି। ସେହିପରି କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆରଲେକର ରାଜ୍ୟ ସରକାର ନିୟନ୍ତ୍ରଣାଧୀନ ବିଶ୍ୱବିଦ୍ୟାଳୟଗୁଡିକରେ ଅଗଷ୍ଟ ୧୪ରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇ ଆଉ ଏକ ବିବାଦକୁ ଆମନ୍ତ୍ରଣ କରିଛନ୍ତି। ରାଜ୍ୟପାଳଙ୍କ ଏଭଳି ନିର୍ଦ୍ଦେଶକୁ ସମ୍ଭାବ୍ୟ ଆଦର୍ଶଗତ ଏବଂ ସାମ୍ପ୍ରଦାୟିକ ମନୋଭାବର ପରିଚାୟକ ଥିବା ଦର୍ଶାଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଏହା ପୂର୍ବରୁ ତାଙ୍କର ପୂର୍ବାଧିକାରୀ ଆରିଫ ମହମ୍ମଦ ଖାଁ ରାଜ୍ୟ ବିଧାନସଭାରେ ଗୃହୀତ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ବହୁ ବିଲ୍‌କୁ ମଂଜୁରି ନଦେଇ ବିଲ୍‌ଗୁଡିକୁ ଅଟକାଇ ରଖିଥିଲେ। ଏହା ନିଃସନ୍ଦେହ ଯେ, ସରକାରଙ୍କ ନିୟନ୍ତ୍ରଣାଧୀନ ବିଶ୍ୱବିଦ୍ୟାଳୟଗୁଡିକ ଏବେ ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ରଣକ୍ଷେତ୍ରରେ ପରିଣତ ହୋଇଛି। ଶିକ୍ଷାବିତମାନେ ଦର୍ଶାଇଛନ୍ତି ଯେ, ରାଜ୍ୟପାଳ ବିଟ୍ରିଶ ଶାସନ ଅମଳର ଏକ ଔପନିବେଶକ ନିଯୁକ୍ତି, ଯାହା ପ୍ରଦେଶଗୁଡିକୁ ନିୟନ୍ତ୍ରଣ କରିଥାଏ। ସ୍ୱାଧୀନ ଭାରତରେ ସରକାର ରାଜ୍ୟପାଳ ପଦବୀକୁ ବଜାୟ ରଖିଛନ୍ତି। ବିଭିନ୍ନ ସମୟରେ କେତେକ ରାଜନୈତିକ ଦଳ ଏହି ପଦବୀକୁ ଉଚ୍ଛେଦ କରିବା ପାଇଁ ଦାବି କରିଥିବାବେଳେ କେନ୍ଦ୍ରରେ କ୍ଷମତାସୀନ ଦଳର ଏହା ଏକ ରାଜନୈତିକ ଥଇଥାନ ପଦବୀରେ ପରିଣତ ହୋଇଥିବା କହିଲେ ଅତିରଂଜିତ ହୋଇନପାରେ। ବ୍ରିଟିଶ ଅମଳରେ ରାଜ୍ୟପାଳମାନେ ପ୍ରାଦେଶିକ ଶାସନକୁ ନିୟନ୍ତ୍ରଣ କରିଥିବାବେଳେ ଏବେ ସ୍ୱାଧୀନ ଭାରତରେ ଏହା ଏକ ଆଳଙ୍କାରିକ ମୁଖ୍ୟ ହୋଇରହିଛି। ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବା ସମ୍ବିଧାନର ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ବହୁ ରାଜ୍ୟପାଳ ବିଶେଷ କରି ବିରୋଧି ଦଳ ଶାସିତ ରାଜ୍ୟରେ ମନୋମୁଖୀ କାର୍ଯ୍ୟ କରିବା ବିବାଦର ମୁଖ୍ୟ କାରଣ ଭାବେ ଉଭାହୋଇଛି। ରାଜ୍ୟପାଳମାନେ ମଧ୍ୟ ବିଶ୍ୱବିଦ୍ୟାଳର କୁଳାଧିପତି ଭାବେ ଦାୟିତ୍ୱ ନିର୍ବାହ କରିଥାନ୍ତି। ଇତି ମଧ୍ୟରେ କେତେକ ରାଜ୍ୟ ସରକାର ବିଧାନସଭା ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟପାଳଙ୍କୁ କୁଳାଧିପତି ଦାୟିତ୍ୱରୁ ହଟାଇ ଦେଇଛନ୍ତି। ଅନ୍ୟ କେତେକ ରାଜ୍ୟରେ ଏବେ ବି ବିଶ୍ୱବିଦ୍ୟାଳୟଗୁଡିକର କୁଳାଧିପତି ଭାବେ କାର୍ଯ୍ୟ କରୁଛନ୍ତି। ତାମିଲନାଡୁରେ ମଧ୍ୟ ରଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡିକର କୁଳାଧିପତି ଅଛନ୍ତି। କିନ୍ତୁ ରାଜ୍ୟ ସରକାର ତାଙ୍କୁ କୁଳାଧିପତି ଦାୟିତ୍ୱରୁ ହଟାଇ ନଥିବାବେଳେ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି କ୍ଷେତ୍ରରେ ଥିବା ରାଜ୍ୟପାଳଙ୍କ କ୍ଷମତାକୁ ଆଇନ ବଳରେ ରଦ୍ଦ କରିଦେଇଛନ୍ତି। ତାଲିମନାଡୁ, କେରଳ ପରି ଅଣବିଜେପିଶାସିତ ପଶ୍ଚିମବଙ୍ଗ, ପଂଜାବ, ତେଲେଙ୍ଗାନା, ଝାଡଖଣ୍ଡ ପରି ରାଜ୍ୟରେ ରାଜ୍ୟପାଳଙ୍କ ସହ ରାଜ୍ୟ ସରକାରଙ୍କ ବିବାଦ ରହିଛି। ଏହି ସମସ୍ତ ରାଜ୍ୟରେ ରାଜ୍ୟପାଳମାନେ କେନ୍ଦ୍ର ସରକାରଙ୍କ ନୀତି ଓ ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବା ବିବାଦର କାରଣ ହୋଇଛି। ଏହା ନିସନ୍ଦେହ ଯେ, ରାଜ୍ୟପାଳ ଏବଂ ନିର୍ବାଚିତ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଭାରତୀୟ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

♥ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
(ମୋ) -୭୯୭୮୬୬୬୪୦୩

## କବିତା...



### ଭୁଲି ଯିବାର ବେଳ-୬
### ଡ. ଅନିଲ ନନ୍ଦ

କେତେଦିନ ଆଉ
ବାନ୍ଧି ରଖିହେବ ଛାତି ତଳେ
ବାଜି ସାରିଥିବା ବଇଁଶୀର ସ୍ୱର
ଭଙ୍ଗା ପଡ଼ିଥିବା ଜୁଆରର ଦୃଶ୍ୟ
ଫୁଟିଥିବା କଦମ୍ବର ମଧୁକ୍ଷରା ହସ,
ଇଚ୍ଛା ନଥିଲେ ବି ଭୁଲି ଯିବାକୁ।

ସ୍ୱପ୍ନମାନେ ବିଜୁଳି ହେଇ
ଲିଭି ଯାଆନ୍ତି ନିଜ ଆକାଶରେ
ଲୁଚି ଲୁଚି ଆଙ୍କିଥିବା ଛବିରୁ
ଛାଡି ଯାଉଥାଏ ରଙ୍ଗ
ଘାଟି ଚଢ଼ିବାର ଦୁଃସାହସକୁ
ମାଡ଼ି ବସିଥାଏ ଭୟ ।

ରାତି ପାହିଗଲେ ବଦଳେ ଯାତ୍ରାପଥ
ଶୁଭ ଯାତ୍ରାରେ ସୂର୍ଯ୍ୟକୁ ପ୍ରଣାମକରି
ବୋହିବାକୁ ପଡେ ଖରା
ଦହନ ଭିତରେ କୋଉ ମନେଥାଏ
ପବନରେ ସୁରତାଳ ଯୋଡ଼ିଦେବା
ହୃଦୟକୁ ବରଫରେ ସତେଜ ରଖିବା ।

ଋତୁ ବଦଳି ଯିବାକ୍ଷଣି
ନୂଆ ରୂପରେ ସଜେଇ ହୁଏ ଆକାଶ
ନୂଆ ମନ୍ତ୍ର ଉଚ୍ଚାରଣ କରେ ମାଟି
ପାହାଡରୁ ଝଡି ପଡେ ସବୁଜ ରଙ୍ଗ
ଅନୁରାଗର ରସ ଶୋଷେ ବିଷଣ୍ଣତା
ସବୁକଥା କଣ ମନରେ ଥାଏ !

ମନରେ ଥାଏ ସେ ଛାତତଳ
ଯୋଉଠି ଶୀତଳ ହୁଏ ଦେହ
ଶାନ୍ତି ଖୋଜୁଥାଏ ମନ
ଜରାମୃତ୍ୟୁ ସଙ୍ଗେ ଲଢ଼ିବାକୁ
ରକ୍ତକୁ ଶିଖା ଯାଉଥାଏ ସଂଗ୍ରାମ ।

♥ କ୍ୟାମ୍ପସ -୯, କିଟ୍
ମୋ - ୯୯୩୭୮୪୩୩୭୮

### ହସ
### ଶରତ କୁମାର ଦାସ



ସେମାନେ ହସନ୍ତି
ଖୁ' ମନଖୋଲା
ସେମାନଙ୍କ ସହ ମୁଁ ହସେ
ନ ଜାଣିକି ସେ ହସର କାରଣ ।

ଏମିତି ଅନେକ ସମୟରେ
କିଛି ନ ବୁଝିକି ବି
ହସର ଲହର ଭିତରେ
ଫିଦା ବନିବାକୁ ପଡ଼େ
ତା ଛାତିଫାଡି ଶୁଣିବାକୁ ପଡ଼େ
ନାନାବାୟା ଗୀତ
ଭେଟିବାକୁ ପଡ଼େ
ଛଳନା ଓ ପ୍ରତାରଣାର
ମୁଖାପିନ୍ଧା ମୁହଁ
ଉଦରସ୍ଥ କରିବାକୁ ପଡ଼େ
କୂଟକପଟ, ପେଞ୍ଚମିଛର
ସୋରି ସୋରି ମିଠା ବିଷ ।

ତେବେ
କେତେବେଳେ କେମିତି
ଆଉଟା କ୍ଷୀର ପରି ହସ ଉତୁରି ଆସେ
ନିଜକୁ ଅଣାୟତ୍ତ କରି
ବେଫିକର ଢଙ୍ଗରେ
ମନରେ ପବନେଇ ଯିବା ଆଗରୁ
ପକ୍ଷୀରାଜ ଘୋଡାରେ ଚଢି
ଉଡ଼ିବୁଲେ ଦୂର ଦିଗନ୍ତରେ ।

ଏଥର ସେମାନେ
ହସୁ ନ ଥାଆନ୍ତି ସତ
ମୁଁ କିନ୍ତୁ ହସୁଥାଏ, ଜାଣିକି
ସେମାନଙ୍କ ନ ହସିବାର କାରଣ ।

ହସ ତ'
ସବୁବେଳେ ଏମିତି
ଜଣା ଅଜଣା, ବୁଝା ଅବୁଝାର
କୁଟିଳ ବନ୍ଧନୀଟିଏ
ସମୟେ ସମୟେ
ଚଳଚିତ୍ରର ଛବିଟିଏ ପରି
ଓଠରେ ଖେଳେଇ ହୋଇ
ହଠାତ ଉଭାନ ହୋଇଯାଏ ।

ମୁଁ
ଜାଣିଲା ବେଳକୁ
ହସ ବିଦୁପଉଥାଏ ମୋ ଭିତରେ
ଏକାନ୍ତରେ, ଖୁ' ନିରବରେ
ରହସ୍ୟଟିଏ ହୋଇ

♥ ପାଲୁର ବଙ୍ଗଳା
ଘର ନମ୍ବର.. ୨୬, ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫

### ପରଦେଶୀ ଚଢେଇ
### ଡ. ଶ୍ରୀଧର ସାମଲ



ଆକାଶର ଫୁଙ୍ଗୁଳା ଛାତିରେ
ଲୁଚକାଳି ଖେଳୁଥିଲା ଜହ୍ନ
ମେଞ୍ଚା ମେଞ୍ଚା ବାଦଲ କୋଳରେ
ହସୁଥିଲା ବିଜୁଳିର ତାନ
ବିଭୋର ମୁହୂର୍ତ୍ତମାନେ
ସ୍ମୃତି ହୋଇ ଯେତେବେଳେ
ଲେଖୁଥିଲେ ଜୀବନର
ଇସ୍ତାହାରମାନ
ଠିକ୍ ସେଇ ମାହେନ୍ଦ୍ର ବେଳାରେ
ତମର ଅକସ୍ମାତ ଆଗମନ।

ଏବେ କିନ୍ତୁ ମୋ ପାଇଁ
ଗୋପଦାଣ୍ଡ ମନା
ତମ ପାଇଁ ଯମୁନାର କୂଳ
ବେସୁରା ବଂଶୀର ସ୍ୱର
ପତ୍ର ଝଡା କଦମ୍ବର ମୂଳ
କେଉଁ ଅବ୍ୟକ୍ତ ଆଶଙ୍କାରେ
ଆନମନା ମନ
ଅଦୃଶ୍ୟ ଲକ୍ଷ୍ମଣରେଖାଟିଏ
ଟାଣି ହୋଇଯାଏ
ବାରମ୍ବାର ହୃଦୟର ନିଭୃତ କକ୍ଷରେ ?

ପ୍ରତିବନ୍ଧିତ ଲକ୍ଷ୍ମଣରେଖାକୁ
ଅତିକ୍ରମ କରିପାରେନି ବୋଲି
ତମ ଇଲାକା ମୋ ପାଇଁ ନିଷିଦ୍ଧାଞ୍ଚଳ
ଯେଉଁଠି ସ୍ୱପ୍ନ ଦେଖିବା ମନା
ଚିନ୍ତା ଓ ଚେତନାକୁ
କାରାବଦ୍ଧ କରି
କାଳେ କେବେ ବି
ହୋଇପାରେ କଟକଣା ଜାରି ।

ତମେ ଯେଉଁଠି ବି ଥାଅ
ସ୍ୱପ୍ନରେ କି ଜାଗ୍ରତରେ
ପଞ୍ଜୁରିର ଶକ୍ତ ବନ୍ଧନରେ କି
ମୁକ୍ତ ବିହଙ୍ଗର ଉନ୍ମୁକ୍ତ ଆନନ୍ଦରେ
ଅନୁତାପର ଅଶ୍ରୁରେ କି
ପଶ୍ଚାତାପର ଦାବାଗ୍ନିରେ,
କିଛି ଫରକ୍ ପଡ଼େନି ମୋ ପାଇଁ ...
କାରଣ ତମ ଭାବନାରେ
ମୁଁ ତ ଏକ ମାମୁଲି
ପରଦେଶୀ ଚଢ଼େଇ !

♥ ସମ୍ପାଦକ (ମୌସୁମୀ)
କଜଳା, କେନ୍ଦ୍ରାପଡା
(ମୋ) ୯୪୩୭୬୦୭୯୯୭

### ମାଆ ପରି
### ସୁଶୀଲ କୁମାର ପାଣିଗ୍ରାହୀ



ତୁ ଯେଉଁ ପଥର ଉପରେ
ପାଦ ପକାଇ
ନାବକୁ ଗଲ
କୂଳ ନୁହେଁ
ସେଇ ପଥର
ତୁମ ଅପେକ୍ଷାରେ
ମାଆ ପରି।

ପକ୍ଷୀ !
ଯଦି ଶେଷ ହେଇଯାଇଛି
ତୁମ୍ଭର ଉଡାଣ
ନୀଡମୁହାଁ ହୁଅ

ଗଛ ତୁମକୁ
ଅପେକ୍ଷା କରିଛି
ମାଆ ପରି।

ଗଛକୁ
ବଡ କରେ ମାଟି
ସବୁବେଳେ କହେ-
ଆକାଶ ଛୁଇଁଯା

ଝଡ ଆସିଲେ
ସବୁ ଶକ୍ତି ଲଗାଇଦିଏ
ବଞ୍ଚାଇବାକୁ
ତା ଉପରେ ଥିବା
ବିଶ୍ୱାସକୁ ଉଜ୍ଜ୍ୱଳ କରି ।

ଖରା ତାପରେ
ପାଣି ମାଗିଲେ
ମାଟି ଯେଉଁଠୁ ହେଲେ
ଆଣିଦିଏ ପାଣି
ମାଆ ପରି।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
(ମୋ):୮୧୪୪୨୨୮୨୦୨

### କେହି ବି
### ଯାଦବେନ୍ଦ୍ର ସାହା



କେହି ବି ତ'
ଶୁଣିଲେ ନାହିଁ ବେଘର ହୋଇଥିବା
ମଣିଷମାନଙ୍କ ଗୀତ...

କେହି ବି ତ'
ସାମିଲ ହେଲେ ନାହିଁ
ଶବ୍ଦ ସହ ଶବ୍ଦ ଯୋଡିଦେବାରେ...

କେହି ବି ଉଠିଲେ ନାହିଁ
ଆଣ୍ଠୁମାଡ଼ି ବସିଥିବା ସ୍ଥାନରୁ
ବାଘ ହେବା ପାଇଁ...

ଜଣେ କେହି ବି କହିଲେ ନାହିଁ,
ମୁଁ, ତୋ ସହ ହେବି ପଥର
ମୁଁ, ମିଶିବି ତୋ ରକ୍ତରେ ରକ୍ତ ହୋଇ
ମୁଁ, ଦେବି ତୋ କାନ୍ଧରେ କାନ୍ଧ ମିଶାଇ
ନତୁବା ଆକାଶ ପରି ଢାଙ୍କି ହେବି
ତୋ ଉପରେ...

ହଁ, ସମସ୍ତେ ଦେଖିଲେ ଖାଲି
ମୋର ନିରୀହତା
ମୋର ଅସହ୍ୟପଣକୁ ଓ
ଯେ' ଯା' ବାଟେ ଫେରିଗଲେ
ନିଜ ମୁହଁକୁ ଲୁଚାଇ !

♥ ବୋରିଙ୍ଗପଦର, କେସିଙ୍ଗା
କଳାହାଣ୍ଡି
(ମୋ) ୯୯୩୮୭୧୧୭୦୫

# କୌଣସି ପୁରସ୍କାର ସର୍ବକାଳୀନ ଗୁରୁତ୍ୱ ବହନ କରେ ନାହିଁ : ଲକ୍ଷ୍ମୀ ନାରାୟଣ ହୋତା

**ଲକ୍ଷ୍ମୀ ନାରାୟଣ ହୋତା ଓଡିଆ କବିତା ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । ସାମ୍ବାଦିକତା ବୃତ୍ତିରେ ମଗ୍ନ ଥାଇ ନିରବଚ୍ଛିନ୍ନ ଭାବେ ଯୋଡି ହୋଇ ରହିଛନ୍ତି କବିତା ସହିତ । ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ। କବିତା ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । "ସମୟର ଆହ୍ୱାନକୁ ସ୍ୱୀକାର କରି ସାଂପ୍ରତିକ ସ୍ଥିତି ପରିସ୍ଥିତି ଅନୁଯାୟୀ ଓଡ଼ିଆ ଭାଷାର ଉପଯୁକ୍ତ ପ୍ରୟୋଗ ଦ୍ୱାରା ହିଁ ଉଜ୍ଜଳ ଭବିଷ୍ୟତ ସମ୍ଭବ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମା'ର ପୁରାଣପଢ଼ା, ଜଣାଣଗୁଆ, ବାପାଙ୍କ ଗୀତାଚର୍ଚ୍ଚା, ସ୍କୁଲପ୍ରାର୍ଥନା, ସାହିତ୍ୟବହିର ଗୀତ ଏ ସବୁ ବୋଧେ ସାହିତ୍ୟ ପ୍ରତି ଛାଏଁ ଆସକ୍ତ କଲା ମୋତେ। ତେବେ, କବିତା କାହିଁକି ପ୍ରଶ୍ନର ଉତ୍ତର: ଗୀତ କବିତାର ଲାଳିତ୍ୟ, ନାନ୍ଦନିକତା ତଥା ବିଶେଷ କରି ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ଭାବନା - ଚେତନାକୁ ଭିନ୍ନ ଭାବରେ ଆବୋରି ବସିବାର ପ୍ରକ୍ରିୟାରୁ ବୋଧେ କବିତାର ପ୍ରେମରେ ପଡ଼ିଯିବାକୁ ହୋଇଛି। କବିତା କଳାତ୍ମକ ଢଂଗରେ ଅଳ୍ପରେ ଅଧିକ କହେ। ଭାବାବେଗ, ବିଦ୍ରୋହ, ପ୍ରେମ, ସଂପର୍କ ଓ ସମର୍ପଣ କଥା, ସଂହତିର କଥା ଏବଂ ଅସଂଗତିର କଥା ବି କହେ। କବିତା ହେଉଛି ପ୍ରତିବାଦର କଳା। କବିତାର ଗୋଟିଏ ମାତ୍ର ପଂକ୍ତି ଏପରିକି ଗୋଟିଏ ମାତ୍ର ଧାଡ଼ି ହୃଦୟତନ୍ତ୍ରିକୁ ଚହଲେଇ ଦେବାର ସାମର୍ଥ୍ୟ ରଖିଥାଏ। ତେଣୁ କବିତା ପ୍ରତି ଏ ମନ-ହୃଦୟ ସମର୍ପି ହୋଇଯାଇଛି। ଆମ ଗାଁ' କୁ ନେଇ 'ରମ୍ୟପଲ୍ଲୀ ହୁମା' ଶୀର୍ଷକରେ ପ୍ରଥମେ କବିତାଟିଏ ଲେଖିଥିଲି। ଆସରରେ ପଢ଼ିଲା ପରେ ସମସ୍ତଙ୍କୁ ଭଲ ଲାଗିଥିଲା। ଲାଗିଲା ମୁଁ ଯତ୍‌କିଂଚିତ ଲେଖିପାରିବି। ସେତେବେଳେ ମୁଁ ହାଇସ୍କୁଲ ଛାତ୍ର। ଏହା ପରଠୁ ସୃଜନଧାରା ଜାରି ରହିଲା। କେବେ କେଉଁ କବିତାଟି କେଉଁଥିରେ ପ୍ରଥମେ ପ୍ରକାଶ ପାଇଥିଲା ତାହା କିନ୍ତୁ ମନେନାହିଁ। ମୋ' ପାଖରେ ଏବେ ଅନୁପଲବ୍ଧ କବିତାଗୁଡ଼ିକ ମଧ୍ୟରୁ ସିଏ ଗୋଟିଏ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆଖପାଖ ଚିତ୍ର ଚରିତ୍ର, ସୁନ୍ଦର ଜଗତ, ମଧୁର ସଂପର୍କ। ଏସବୁକୁ ଭୋଗିବା ହୁଏତ ମୋତେ ସର୍ଜନଶୀଳ କଲା। ତେବେ, ପ୍ରେରଣା ଅର୍ଥରେ କହିଲେ ମୋର ବଡ଼ଭାଇ ସତ୍ୟନାରାୟଣ ହୋତା ଓ ତୋଷଧର ବାରିକଙ୍କ ସାହିତ୍ୟ ପ୍ରତି ଥିବା ଅନୁରକ୍ତି ତଥା ବିଚିତ୍ର ଝୁଙ୍କ୍ ମୋତେ ଏ କ୍ଷେତ୍ରକୁ ନେଇ ଆସିଥିଲା। ଉଭୟଙ୍କ ନେତୃତ୍ୱରେ ଗଠିତ 'ସୌରଭ ସାହିତ୍ୟ ସଂସଦ' ଜରିଆରେ ସାରସ୍ୱତ ସମାବେଶର ଆୟୋଜନ, ବହିପଢ଼ିବା, ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସିବା ଆଦି ସାହିତ୍ୟ ପ୍ରତି ମୋର ଆଗ୍ରହ ଓ କବିତା ଲେଖା ପାଇଁ ଉସୁକାଇଥିଲା। ଉଭୟଙ୍କୁ ମୋର ସାହିତ୍ୟର ଆଦ୍ୟଗୁରୁ କହିବି। ସେତେବେଳେ ଆମେ ଏକତ୍ର ରହୁଥିବା ସମ୍ବଲପୁର, ଫାର୍ମରୋଡ ନନ୍ଦିନୀକଲୋନିର ଘର ଗୋଟେ ସାରସ୍ୱତ ଆଖଡ଼ା ପାଲଟିଯାଇଥିଲା। ଯେ କେହି କ୍ଷଣିକପାଇଁ ବି ସେଠାକୁ ଆସୁଥିଲେ ସାହିତ୍ୟରେ ଭିଜୁଥିଲେ। ଲାଗେ ସେ ଘରର କୋଣ ଅନୁକୋଣ ସର୍ଜନଶୀଳ ହୋଇଉଠିଥିଲା। କେତେ ଯେ ସାହିତ୍ୟରଥୀଙ୍କ ପାଦ ନପଡ଼ିଛି ସେ ଘରେ ! ତେବେ ଅନେକ କବିଙ୍କ କବିତା ପଢ଼ି ସାହିତ୍ୟମନସ୍କ ତ ହୋଇଛି ନିଶ୍ଚୟ, ହେଲେ ଡ. ରାଘବାନନ୍ଦ ନାୟକଙ୍କ କବିତାଗୁଡ଼ିକ ପଢ଼ିବା ପରେ ଅଧିକ ସୃଜନମନସ୍କ ହୋଇଥିବା ମନେହୁଏ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ନିଜ ଭାବନା, ନିଜ ଚେତନାରେ ବାରଂବାର ଲେଖି ଲିଭାଇ ପୁଣି ଲେଖି ଗଢ଼ାହୋଇଥିବା କବିତାଟି ଯେତେବେଳେ ଛପା ଅକ୍ଷରରେ ଦେଖିଥିଲି ଉଲ୍ଲସିତ ତ ହୋଇଥିଲି ନିଶ୍ଚୟ। ହେଲେ ଯେଉଁମାନଙ୍କୁ ନେଇ ଆମେ ଲେଖୁ ସେମାନେ କ'ଣ ପଢ଼ନ୍ତି ? ସେମାନେ ଯେ ଆମ ଚିତ୍ରିତ ସାହିତ୍ୟ ପୃଥିବୀର ଜଣେ ଜଣେ ଚରିତ୍ର ସେକଥା କ'ଣ ଜାଣନ୍ତି ? ଜୀବନ ଓ ଜଗତରେ ଯୁଝୁଥିବା, ବଂଚୁଥିବା ସେଇମାନେ କାହିଁକି ବା ଖାତିର କରିବେ କବିକୁ ? ସେମାନେ ତ ଜୀବନରୂପୀ ମହାକାବ୍ୟ ଭୋଗୁଛନ୍ତି ଅହରହ। କବିତାର ଲେଖକ-କବି ହେବାଠୁ ବଳି କବି ଜୀବନଟିଏ ଜିଇଁବା କ'ଣ ଅଧିକ ଶ୍ରେୟ କି ଆତ୍ମ ଉପଲବ୍ଧି ନୁହେଁ କି ? ଏଭଳି ନାନାବିଧ ଭାବନା ଅନ୍ତରକୁ ଦୋହଲାଇ ଦେଇଥିଲା। ଏବେ ବି ସେଇ ଭାବନା ଗ୍ରାସ କରି ରଖିଛି ମୋର ଚିନ୍ତା ଚେତନାକୁ। ଏଣିକି ସ୍ଥୂଳ ପ୍ରଶ୍ନ ପୁସ୍ତକ ସଂଖ୍ୟାକୁ ଫେରିଲେ- ଉତ୍ତର ଏଇଆ ହେବ ଯେ, ମୋର ନାହିଁ। ବେଳେ ବେଳେ ନିଜ କବିତାକୁ ମୋର ବୋଲି କହିବା ଅନଧିକାର ଭଳି ଲାଗେ, କାହିଁକିନା ଥରେ ଥରେ ଏଭଳି ଭାବନା କବିତା ହୋଇ ଉତରି ଆସିଥାନ୍ତି ଯେ, ଆମେ ତାକୁ ଟିପିରଖିବାର ଶ୍ରେୟ ସିନା ନେବା କିନ୍ତୁ ତାହା ସ୍ୱତଃ ଉତ୍ତୁଙ୍ଗ ଚେତନା ନେଇ ଗଢ଼ି ହୋଇଯାଇଥାଏ। ତେବେ, ସବୁ ସୃଷ୍ଟି ତ ଆପଣାର ପ୍ରିୟ, ହେଲେ କିଛି କବିତା ପାଠକୀୟ ଅଦୃତିର ଶିଖରକୁ ଛୁଇଁଥାଏ। ଅପୂର୍ବ ଚେତନାକୁ ନେଇ ସ୍ଫୁରିତ କବିତାର (ଅବଶ୍ୟ କିଛିଟା ନିଜସ୍ୱ କାରୁକାର୍ଯ୍ୟରେ ପରିପୁଷ୍ଟ) କପିରାଇଟ୍ ସୂତ୍ରରେ ସେଇସବୁ କବିତା ଅଧିକ ପ୍ରାଣପ୍ରିୟ ହୋଇଥା'ନ୍ତି। ଆଉ ଇଚ୍ଛୁଥିବା କଥାକୁ ଅନ୍ତତଃ କିଛିମାତ୍ରାରେ ଠିକ୍ ବାଗରେ କହିପାରିଥିବାର ଆତ୍ମସନ୍ତୋଷ ଏଇ 'କାହିଁକି' ପ୍ରଶ୍ନର ଉତ୍ତର।

■ ଅକ୍ସରେ ଲକ୍ଷ୍ମୀ ନାରାୟଣ ହୋତା



ନାମ - ଲକ୍ଷ୍ମୀ ନାରାୟଣ ହୋତା
ଜନ୍ମ- ୦୮.୦୭.୧୯୭୩
ବାପା : ଶ୍ରୀଯୁକ୍ତ ହରେକୃଷ୍ଣ ହୋତା
ମା : ଶ୍ରୀମତୀ ସରୋଜିନୀ ହୋତା
ବୃତ୍ତି- 'ସମ୍ବାଦ' ରାଉରକେଲା ସଂସ୍କରଣ ମୁଖ୍ୟ
ଗାଁ-ହୁମା, ପୋ-ଧମା, ଜିଲ୍ଲା-ସମ୍ବଲପୁର
ସଂବଲପୁର ଠିକଣା :
ତପସ୍ୱିନୀ ଭବନ, ତାରିଣୀ ମନ୍ଦିର ପାଖ
ସର୍ଲାକାନି, ଧନକଉଡ଼ା, ସଂବଲପୁର- ୭୬୮୦୦୬
ବର୍ତ୍ତମାନ ଠିକଣା: ଇ ୨୬, ସେକ୍ଟର-୪, ହିଲ୍ ଭ୍ୟୁ ଗେଷ୍ଟହାଉସ ସାମ୍ନା, ରାଉରକେଲା



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ମୁଁ ଖୁବ୍ ଆଶାବାଦୀ। ଏହାପଛରେ ଗୋଟେ ବିଶ୍ୱାସ ଓ ଭରସା ରହିଛି। ଆମର ପୂର୍ବସୂରୀଙ୍କ ଦ୍ୱାରା ରଚିତ ସାହିତ୍ୟ ଯଥେଷ୍ଟ ସମୃଦ୍ଧ। ସମାଜର ଉଭୟ ଆଲୋକ ଅନ୍ଧାରପକ୍ଷକୁ ନେଇ ହେଉ ବା ବିଚିତ୍ର ବିବିଧତା ହେଉ କି ବିରୋଧାଭାସ କି ବିଲକ୍ଷଣ ହେଉ, ସବୁକୁ ନେଇ ଚମତ୍କାର ସାହିତ୍ୟ ସୃଷ୍ଟି ହୋଇଛି। ଏବଂ ବର୍ତ୍ତମାନ ନବପ୍ରଜନ୍ମର କବି ତ ଏତେ ଚମତ୍କାର ଈର୍ଷଣୀୟ ସର୍ଜନଶୀଳ ଯେ ସେମାନଙ୍କୁ ସାଲ୍ୟୁଟ୍ କରିବାକୁ ହେବ। ଏମିତି କବିତା ଲେଖୁଛନ୍ତି ଯେ ତା' ଭିତରେ ଜୀବନ ପ୍ରତି ତୀବ୍ରତର ଅନୁରକ୍ତି ଖୁନ୍ଦି ହୋଇରହୁଛି। ପ୍ରିୟ ଅନୁଜମାନେ ଚମକେଇ ଚହଲେଇ ଦେଉଛନ୍ତି ସେମାନଙ୍କ ଲେଖାରେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ସ୍ଥିତି ସୁଦୃଢ଼ ବୋଲି ଜୋର ଦେଇ କହିବି। କେବଳ ବହିପଢ଼ା, ପାଠାଗାର କି ପୁସ୍ତକମେଳାକୁ ଆଧାର କରି ସାହିତ୍ୟକୁ ଆକଳନ କଲେ ହେବନି। 'ଲୋକସାହିତ୍ୟ' ଓ 'ସାହିତ୍ୟ ଲୋକଙ୍କ ପାଖରେ' ଦୁଇଟି ଭିନ୍ନ ପରିଭାଷା। ଆମ ସାହିତ୍ୟକୁ ନେଇ ଆଧିକ ଚର୍ଚ୍ଚା (ଉପରଠାଉରିଆ ନୁହେଁ) ହେବା ଦରକାର। ଦୃଶ୍ୟ-ଶ୍ରାବ୍ୟ କ୍ରମରେ ଓଡ଼ିଆ କାହାଣୀ, କାବ୍ୟ, କବିତାକୁ ନେଇ ଅଧିକରୁ ଅଧିକ ସିନେମା, ସଂଗୀତରୂପକ, ଡକ୍ୟୁମେଣ୍ଟାରି, ସର୍ଟଫିଲ୍ମ ତିଆରି ହେବା ଦରକାର। ବହିପଢ଼ା ଯେ ହେଉନାହିଁ କହିହେବ ନାହିଁ। ପୁସ୍ତକମେଳାରେ ତ ପୁଣି ଭଲ ବିକ୍ରି ହେଉଛି। ତେବେ, ଆମ ସାହିତ୍ୟ ଘରେଘରେ ପୁରେପୁରେ ପଢ଼ାହେଉ ବୋଲି ଭାବିବା ଏବର ଡିଜିଟାଲ ଯୁଗରେ ବୃଥା ବିଚାର।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ସବୁଠି ମାତୃଭାଷା ସଂକଟରେ। କାରଣ ସଂପ୍ରତିକ ବଜାରବ୍ୟବସ୍ଥା ଏଭଳି ଯେ ସବୁକ୍ଷେତ୍ରରେ ମୌଳିକତା ହରାଇବା ଏକ ପ୍ରକାର ନିଶ୍ଚିତ। ଯଦିବା କିଛି ମୌଳିକତା ରହିଛି ବୋଲି ଆମେ ଦାବି କରୁଛୁ ତାହା ପ୍ରାୟତଃ ପ୍ରଦର୍ଶନରେ ସୀମିତ। ଏହି ସଂକଟକୁ ଦୂର କରିବାକୁ ହେଲେ- କହିବା, ଲେଖିବା ସହିତ ଅନ୍ୟାନ୍ୟ ସେତେସବୁ ଭାବପ୍ରକାଶର ମଧ୍ୟମ ରହିଛି, ସେଥିରେ ଆମର ଭାଷାକୁ ବ୍ୟବହାର କରିବାକୁ ହେବ। ତେବେ, ଏହାକୁ ଏକ ପ୍ରକଳ୍ପ ଭାବରେ ନେଲେ ହେବନାହିଁ। ବ୍ୟକ୍ତି ଭିତରେ ଭାଷାପ୍ରୀତି, ସଂସ୍କୃତି ସଚେତନତା ସ୍ୱତଃଜାଗ୍ରତ ହେବା ଦରକାର। ସରକାର କି ଅନୁଷ୍ଠାନ ଏହି କାମ କରିପାରିବେ ନାହିଁ। ଅସ୍ମିତା ବଳପୂର୍ବକ ଜାଗ୍ରତ କରାଯାଇପାରିବ ନାହିଁ। ନାମଫଳକ ପାଇଁ ଚଢ଼ଉ କଲେ କଣ ହେବ। ସରକାର ଯେତେ ତାଡ଼ିଭିଡ଼ି ହେଲେ ବି ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିପାରିଛନ୍ତି କି ? ଦ୍ୱିତୀୟ କଥା ହେଲା, ଯେଉଁ ଡିଜିଟାଲ ଯୁଗ ଆମର ସ୍ୱାଭାବିକ ସମାଜିକ ବ୍ୟବସ୍ଥା ଓ ସମୟକୁ ପ୍ରତ୍ୟାଖାନ କରୁଛି ବୋଲି 'ସଂକଟ' ଗୋଟେ ପ୍ରସଂଗ ହେଉଛି। ସେଇ ଡିଜିଟାଲକୁ ଅସ୍ତ୍ର କରି ଆମର ଭାଷା ସାଂସ୍କୃତିକୁ ସେଥିରେ ପ୍ରୟୋଗ କଲେ ସହଜ ହୁଅନ୍ତା। ସଂପ୍ରତି ବହୁଳ ପ୍ରସାରିତ ଏବଂ ଜନଜୀବନକୁ ପ୍ରଭାବିତ କରୁଥିବା ସାମାଜିକ ଗଣମାଧ୍ୟମକୁ ହିଁ ମାଧ୍ୟମ କରାଯାଇ ପାରନ୍ତା। ଡିଜିଟାଲ ପ୍ଲାଟଫର୍ମକୁ ପ୍ରୟୋଗଶାଳା ଭାବରେ ଗ୍ରହଣ କରି କଥାବାର୍ତ୍ତା କଲାବେଳେ, ମେସେଜ ଦିଆନିଆ ବେଳେ ତଥା ଅନ୍ୟାନ୍ୟ ଯେତେ ପ୍ରକାର ଡିଜିଟାଲ କାମରେ ମାତୃଭାଷା ବ୍ୟବହାର କଲେ କିଛିଟା ସୁଧାର ଆସନ୍ତା ଏବଂ ଅନ୍ତତଃ କିଛି ମାତ୍ରାରେ ନୂତନ ପିଢ଼ିକୁ ଯୋଡ଼ାଯାଇ ପାରନ୍ତା।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତାର ସଂଜ୍ଞା ସଂପର୍କରେ ମୁଁ ଅଜ୍ଞ। ସେ କଥାଟି ସମାଲୋଚକମାନେ ହୁଏତ କହିପାରିବେ। ଭଲ କବିତା କହିଲା ମାତ୍ରେ ଗୋଟେ ଖରାପ କବିତାର ଉପସ୍ଥିତିକୁ ବି ହିସାବକୁ ନେବାକୁ ହେବ। ମୋତେ ଲାଗେ ପ୍ରତ୍ୟେକଟି ଲେଖାରେ କିଛି ପ୍ରସଂଗ, କିଛି ବାର୍ତ୍ତା ଅନ୍ତର୍ନିହିତ। ତେଣୁ ଏକ୍ଷେତ୍ରରେ ଭଲ କବିତା ନକହି, ବରଂ ଭଲ ଲାଗିଥିବା କବିତା କହିଲେ ଅଧିକ ଉଚିତ ହେବ। ଯେଉଁ କବିତାର ଅନ୍ତତଃ ଗୋଟିଏ ପଂକ୍ତି ବି କ୍ଷଣିକ ପାଇଁ ଛାତିକୁ ଚହଲେଇ ଦିଏ, ମନକୁ ଆନ୍ଦୋଳିତ କରେ ସେଇଭଳି କବିତା ମୋତେ ଭଲ ଲାଗେ। ଯେଉଁ କବିତା ପଢ଼ିଲେ ଲାଗେ ଆରେ ହେ ..ଇଏ ତ ମୋର କଥା। ମୋର ଭାବନାକୁ କୁହାହୋଇଛି। ମୁଁ ଭୋଗୁଥିବା ଜୀବନ ଏଠି ପ୍ରତିଫଳିତ। ଏଭଳି ଅନୁଭବ ଓ ଉପଲବ୍ଧିର କବିତା ଭଲଲାଗେ। ବାସ୍ତବରେ ଏଭଳି କବିତା ଆଦୃତ ଓ କାଳଜୟୀ ହୋଇଥାଏ। ସାହିତ୍ୟ ଯେହେତୁ ଜୀବନ ଓ ଜଗତକୁ ପ୍ରତିନିଧିତ୍ୱ କରେ ଏବଂ ଇତରପ୍ରାଣୀଠୁ ଲୋକଚରିତ୍ର ପର୍ଯ୍ୟନ୍ତ କଥା କହେ। ନିର୍ଜୀବ ଭିତରେ ବି ପ୍ରାଣଶକ୍ତିର ଉପଲବ୍ଧି କରିପାରେ। ଏହି ପରିପ୍ରେକ୍ଷରରେ ମାନସିକତା ପରିବର୍ତ୍ତନ ପାଇଁ ସାହିତ୍ୟ ନିଶ୍ଚିତ ଭାବରେ ସମର୍ଥ ହୋଇଥାଏ। 'ବନ୍ଦେ ମାତରମ୍' ଗୀତ ଗାଇ ଗାଇ ଅଫୁରନ୍ତ ଧୈର୍ଯ୍ୟ ଏବଂ ସାହସର ସହିତ ସ୍ୱାଧୀନତା ସଂଗ୍ରାମୀମାନେ ଜୀବନକୁ ବାଜି ଲଗାଇବାର ନଜୀର ରହିଛି। ଗୋଟେ ନାଟକର ଦୃଶ୍ୟ ମୋହନଦାସଙ୍କୁ ସତ୍ୟାଗ୍ରହୀ ମହାତ୍ମା କରିଦେଇ ପାରେ। ଏଭଳି ଅନେକ ଉଦାହରଣ ରହିଛି।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଖୁବ୍ ଆଶାବାଦୀ। ଆମ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ହେଉଛି। ଜାତୀୟ ସ୍ତରକୁ ପ୍ରତିନିଧିତ୍ୱ କଲାଭଳି ସର୍ଜନାରେ ମଗ୍ନ ଆମର ପ୍ରବୀଣ ଓ ନୂତନ ପିଢ଼ି। ରହିଲା ଭାଷାର ଭବିଷ୍ୟତ କଥା- ଆଗରୁ କହିଛି, ସମୟର ଆହ୍ୱାନକୁ ସ୍ୱୀକାର କରି ସାଂପ୍ରତିକ ସ୍ଥିତି ପରିସ୍ଥିତି ଅନୁଯାୟୀ ଓଡ଼ିଆ ଭାଷାର ଉପଯୁକ୍ତ ପ୍ରୟୋଗ ଦ୍ୱାରା ହିଁ ଉଜ୍ଜଳ ଭବିଷ୍ୟତ ସମ୍ଭବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଲେଖକଙ୍କୁ ଉତ୍ସାହିତ କରେ। ଦାୟିତ୍ୱବୋଧ ପ୍ରତି ସଂକଳ୍ପବଦ୍ଧ ହେବାକୁ ପ୍ରେରିତ କରେ। ତେବେ, କୌଣସି ପୁରସ୍କାର ସର୍ବକାଳୀନ ଗୁରୁତ୍ୱ ବହନ କରେ ନାହିଁ। ଯୋଗ୍ୟବ୍ୟକ୍ତି ପୁରସ୍କୃତ ହେଲେ ଆଶ୍ୱସ୍ତ ଲାଗେ ଓ ଅନ୍ତତଃ କିଛିଟା ମୂଲ୍ୟବୋଧ ଏବେ ବି ବଂଚି ରହିଛି ଭଳି ଅନୁଭବ ହୁଏ। ପ୍ରକୃତରେ ବାର୍ତ୍ତା ଦେବା ପାଇଁ ମୋର ସାମର୍ଥ୍ୟ ରହିଛି ବୋଲି ମୁଁ ଭାବୁନାହିଁ। କେବଳ ଏତିକି କହିବି। ଜଟିଳ କଂଟକିତ ହେଲେ ବି ସଚ୍ଚୋଟ ଜୀବନ ବଂଚିବାରେ ଗୋଟେ ଭିନ୍ନ ଉପଲବ୍ଧି ଅଛି। ମିଛପ୍ରଶଂସାର କୁତୁକୁତା ସାମୟିକ ହୋଇପାରେ, ସ୍ଥାୟୀ ନୁହେଁ। ସଚ୍ଚୋଟତା ହିଁ ସର୍ଜନାର ଭୂଷଣ ହେଉ। ସାହିତ୍ୟରେ ଛଳନାର ସ୍ଥାନ ନାହିଁ। କପଟତାରେ ଲେଖକ ହୋଇ ହେବ ସିନା ସତ୍ ସାହିତ୍ୟିକ ନୁହେଁ। ❤❤



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ ଆଦରଣୀୟା କନ୍ୟାଙ୍କ ସହ କବି ଲକ୍ଷ୍ମୀ ନାରାୟଣ.....



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

ପ୍ରଥମ ବିଦେଶ ଯାତ୍ରା

ଭାଗ-୩୧

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...



**ଆମେରିକୀୟମାନେ ସାଧାରଣତଃ ସମୁଦ୍ରିମାଛ ଖାଆନ୍ତି । ଲୁଣି ମାଛ । ଆମର ଏଠିକା ପରି ସେଠାରେ ଦେଶୀ ମାଛ ଯେମିତିକି ରୋହି, ଭାକୁଡ, ପୋହଣା, ଇଲିଶି ଆଦି ମାଛ ମିଳେନା । ସେମାନେ ଖାଆନ୍ତି ସାଲମନ, ଟୁନା, ଟ୍ରାଉଟ, କଡ୍ ଫିସ, କ୍ୟାଟଫିସ ଇତ୍ୟାଦି ମାଛ । ସେଠାରେ ଅଧିକାଂଶ ଷ୍ଟୋର ଓ ସୁପରମାର୍କେଟରେ କଟା ହୋଇଥିବା ମାଛ ମିଳେ । ବିଭିନ୍ନ କିସମର ବଡ ବଡ ମାଛକୁ କଟା ଯାଇ ଓଜନ ଅନୁସାରେ ପ୍ଲାଷ୍ଟିକ ଟ୍ରେରେ ପ୍ୟାକ କରି ଆଇସ ବାକ୍ସରେ ପୁରେଇ ଫ୍ରୋଜେନ ସେକସନରେ ରଖା ଯାଇଥାଏ ।**

ଟ୍ୱିନ ଟାୱାର ଆପାର୍ଟମେଣ୍ଟ ପରିସରରେ ଦିନସାରା ଗହଳିଚହଳି ଲାଗି ରହିଥାଏ । ନିଜ ନିଜ ଘରୁ ବାହାରି ଲୋକମାନେ କାରରେ ବସି ବାହାରି ଯାଆନ୍ତି ଯେ ଯା' କାମରେ । କିଛି ଲୋକ କାମ ସାରି ଫେରୁଥାନ୍ତି ଘରକୁ । ସ୍କୁଲ ବସ ଲାଗୁଥାଏ ଗେଟ ପାଖରେ । ଛୋଟ ଛୋଟ ପିଲାମାନେ ବାପମାଆଙ୍କ ହାତ ଧରି ଯାଉଥାନ୍ତି ଗେଟ ପାଖକୁ ବସ ଧରିବା ପାଇଁ । ସକାଳର ଖରା ଚିକ୍ ଚିକ୍ କରୁଥାଏ । ଆକାଶର ନୀଳ ଆଉ ଟିକେ ଗାଢ ଦେଖା ଯାଉଥାଏ । ଆଉ ଟିକି ଟିକି ଧଳା ମେଘ ଖଣ୍ଡସବୁ ଲାଗୁଥାନ୍ତି ନୀଳ ମେଖଳାର ରୂପା ଝାଲର ପରି । ଏମିତି ଏମିତି ମୋ ଝରକା ବାହାରେ ଥାଏ ଚିତ୍ରକରର ହାତଅଙ୍କା ଚିତ୍ର ପରି ଏକ ସ୍ୱପ୍ନ, ସୁନ୍ଦର ପୃଥିବୀ । ଝରକା ପାଖରେ ବସି ମୁଁ ଆଖି ଦେଇ ସାଇତି ନେଉଥାଏ ମୋ ଛାତିରେ ଏହି ମୁଗ୍ଧ ଅନୁଭବ ସବୁକୁ ।

ଆଜି ଶୁକ୍ରବାର । ଚିକୁଙ୍କର ୱାର୍କ ଫ୍ରମ ହୋମ । ସିଏ ଘରୁ କାମ କରୁଛନ୍ତି । ମିକି ଯାଇଛି ନ୍ୟୁୟର୍କ । ସିଏ ସନ୍ଧ୍ୟାକୁ ଫେରିବ ଘରକୁ । ଆଜି ଦ୍ୱିପ୍ରହରରେ ଖାଇବା ପାଇଁ ମୁଁ ମାଛ ତରକାରୀ ଆଉ ଭାତ କରିଥିଲି । ଫ୍ରିଜରେ ସାଲମନ ମାଛ ଥିଲା । ତାକୁ ମୁଁ ଓଡିଆ ଷ୍ଟାଇଲରେ ଅଳ୍ପ ସୋରିଷ ମସଲା ଦେଇ ତରକାରୀ କରିଥିଲି । ଚିକୁଙ୍କୁ ଭାରି ଭଲ ଲାଗିଲା ତରକାରୀ । କାରଣ ସେମାନେ ପ୍ରାୟତଃ ସାଲମନ ଫିସକୁ ମସଲା ଗୋଳେଇ ମାରିନେଟ କରି ତାପରେ ତାକୁ ଓଭେନରେ ବେକ୍ କରି ଖାଆନ୍ତି କିମ୍ବା ଏୟାରଫ୍ରାୟାରରେ ଭାଜି ଖାଆନ୍ତି । ହେଲେ ଆଜି ମୋର ଇଚ୍ଛା ହେଲା ଆମ ଓଡିଆ ଷ୍ଟାଇଲରେ ରାନ୍ଧି ଖୁଆଇବାକୁ ।

ଆମେରିକୀୟମାନେ ସାଧାରଣତଃ ସମୁଦ୍ରିମାଛ ଖାଆନ୍ତି । ଲୁଣି ମାଛ । ଆମର ଏଠିକା ପରି ସେଠାରେ ଦେଶୀ ମାଛ ଯେମିତିକି ରୋହି, ଭାକୁଡ, ପୋହଣା, ଇଲିଶି ଆଦି ମାଛ ମିଳେନା । ସେମାନେ ଖାଆନ୍ତି ସାଲମନ, ଟୁନା, ଟ୍ରାଉଟ, କଡ୍ ଫିସ, କ୍ୟାଟଫିସ ଇତ୍ୟାଦି ମାଛ । ସେଠାରେ ଅଧିକାଂଶ ଷ୍ଟୋର ଓ ସୁପରମାର୍କେଟରେ କଟା ହୋଇଥିବା ମାଛ ମିଳେ । ବିଭିନ୍ନ କିସମର ବଡ ବଡ ମାଛକୁ କଟା ଯାଇ ଓଜନ ଅନୁସାରେ ପ୍ଲାଷ୍ଟିକ ଟ୍ରେରେ ପ୍ୟାକ କରି ଆଇସ ବାକ୍ସରେ ପୁରେଇ ଫ୍ରୋଜେନ ସେକସନରେ ରଖା ଯାଇଥାଏ । ଜଣେ ନିଜର ଦରକାର ମୁତାବକ ଟ୍ରେ ନେଇପାରିବ । ଯେହେତୁ ସେଇ ମାଛ ଅନେକ ଦିନ ଧରି ଷ୍ଟୋର କରି ରଖାଯାଏ, ଏପରିକି ମାସ ମାସ ଧରି ଷ୍ଟୋର କରି ରଖା ଯାଇଥିବା ମାଛ ସେଠାରେ ମିଳେ । କୁହାଯାଏ ଏଠାରେ ମାଛ ସବୁ ୩-୮ ମାସ ଯାଏଁ ଷ୍ଟୋର କରି ବିକ୍ରି କରାଯାଏ । ଆଉ ଜଣେ ଯଦି ଫ୍ରେସ ମାଛ ଖାଇବାକୁ ଚାହେଁ ତେବେ ତାକୁ ଯିବାକୁ ହେବ ଫାର୍ମରସ ମାର୍କେଟ କିମ୍ବା ଲୋକାଲ ସିଫୁଡ ମାର୍କେଟକୁ, ଯେଉଁଠି ଫ୍ରେସ ମାଛ ମିଳିଯାଏ । କେତେକ ଜାଗାରେ ଗୋଟା ମାଛ ବିକ୍ରି ହୁଏ, ଯାହାକୁ ଘରକୁ ଆଣି କାଟିବାକୁ ହୁଏ । ଆଉ କେତେକ ଜାଗାରେ ମାଛ କିଣିବା ପରେ ସେମାନେ ତାକୁ ଆବଶ୍ୟକତା ଅନୁସାରେ କାଟି କରି ଦିଅନ୍ତି । ଯେହେତୁ ସେଠାରେ ଆମ ପରି ସୋରିଷ, ଜୀରା, ପୋସ୍ତ, ଗରମମସଲା ଆଦିର ବ୍ୟବହାର କରାଯାଏ ନାହିଁ । ତେଣୁକରି ସେମାନେ ବିଭିନ୍ନ ପ୍ରକାର ସସ୍, ହର୍ବ, ଲୁଣ ଓ ୟୋଗର୍ଟ ବା ଦହି ପକେଇ ମାଛକୁ ମାରିନେଟ କରନ୍ତି ଓ ତାକୁ ଓଭେନରେ ବେକ୍ କରି ଖାଆନ୍ତି । ଆମେ ଯାହାକୁ ମସଲା ବା ସ୍ପାଇସ ବୋଲି କହୁ ସେଠାରେ ସ୍ପାଇସି କହିଲେ ବୁଝନ୍ତି ଅଧିକ ରାଗ। ଆଉ ରାଗ କହିଲେ ଅଧିକ ଗୋଲମରୀଚ ବା ବ୍ଲାକ ପିପର ଓ ଚିଲି ପିପର ବା ଲଙ୍କାଗୁଣ୍ଡ । ସେଠାକାର ଲୋକମାନେ ସାଧାରଣତଃ ରାଗୁଆ ଖାଦ୍ୟ ଖାଇ ପାରନ୍ତିନାହିଁ । ସେମାନଙ୍କର ଖାଦ୍ୟ ଅଧିକ ବ୍ଲାଣ୍ଡ ବା ସାଧାସିଧା ହୋଇଥାଏ ।



ଆମେ ସମସ୍ତେ ଜାଣିଛୁ କେଣ୍ଟୁକି ଫ୍ରାଏଡ ଚିକେନ ବା କେଏଫସିର ଜନ୍ମ ପ୍ରଥମେ ଆମେରିକାରେ ହୋଇଥିଲା । କୋଲୋନେଲ ହରଲ୍ୟାଣ୍ଡ ସେଣ୍ଡର୍ସ ପ୍ରଥମେ କେଣ୍ଟୁକି ରାଜ୍ୟର କୋର୍ବିନ ଠାରେ ଏକ ରାସ୍ତାକଡ ରେଷ୍ଟୁରାଣ୍ଟରେ ଏହି ଚିକେନ ତିଆରି କରି ବିକ୍ରି କରିବା ଆରମ୍ଭ କରିଥିଲେ । ଏହା ହେଉଛି ଆମେରିକାର ପ୍ରଥମ ଫାଷ୍ଟଫୁଡ ଚେନ୍ ଯାହା କେବଳ ଆମେରିକାରେ ନୁହେଁ ବର୍ତ୍ତମାନ ପୃଥିବୀର ୧୫୦ଟି ଦେଶର ତିରିଶ ହଜାର ସହରରେ ରହିଛି । ଆମେରିକାରେ ଏହି ଫ୍ରାଏଡ ଚିକେନ ଏତେ ବେଶୀ ଲୋକପ୍ରିୟ ହୋଇଗଲା ଯେ ଏହାର ଏନ୍ତୁଡିଶାଳ କେଣ୍ଟୁକି ରାଜ୍ୟ ଅନୁସାରେ ଏହାର ନାମକରଣ ହେଲା କେଣ୍ଟୁକି ଫ୍ରାଏଡ ଚିକେନ । ଏବେ ଏହାର ହେଡକ୍ୱାର୍ଟର ରହିଛି ଲୁଇସଭିଲେ, କେଣ୍ଟୁକିରେ । କିନ୍ତୁ ମୁଁ ଯେବେ ପ୍ରଥମେ ଆମେରିକାରେ କେଏଫସି ଚିକେନ ଖାଇଲି ଆଶ୍ଚର୍ଯ୍ୟ ହୋଇଗଲି । କାରଣ ତାହାର ଟେଷ୍ଟ ପୂରାପୂରି ଅଲଗା ଥିଲା । ଆମ ଏଠିକା ପରି ମସାଲେଦାର ଖୋଳପା ନ ଥିଲା । ସିଝା ହୋଇଥିବା ଚିକେନ ପରି ଲାଗୁଥିଲା ତାହା । ପରେ ମୁଁ ଜାଣିଲି ଯେ ଆମେ ଭାରତରେ ଯେଉଁ କେଣ୍ଟୁକି ଫ୍ରାଏଡ ଚିକେନ ଖାଉ ତାହା ଭାରତୀୟଙ୍କର ପସନ୍ଦକୁ ଚାହିଁ କଷ୍ଟମାଇଜ କରା ଯାଇଥାଏ। କିନ୍ତୁ ଆମେରିକାରେ ସେପରି କେଏଫସି ମିଳେ ନାହିଁ । ଭାରତରେ ମିଳୁଥିବା କେଣ୍ଟୁକି ଫ୍ରାଏଡ ଚିକେନରେ ଚିକେନକୁ ଏକ ମୋଟା ଘୋଳରେ ବୁଡେଇ ଅଧିକ ଲଙ୍କାଗୁଣ୍ଡ , ଅଦାଗୁଣ୍ଡ ଓ ମସଲା ଗୋଳେଇ ଆମର ଆଳୁଚପ , ସିଙ୍ଗଡା ଛଣା ହେଲା ପରି ଛଣାଯାଏ କିନ୍ତୁ ଆମେରିକାରେ ତାର ପ୍ରକୃତ ସ୍ୱରୂପ ଅର୍ଥାତ ଏଗାର ପ୍ରକାରର ପ୍ରାକୃତିକ ଭାବରେ ଉପଲବ୍ଧ ଜଡିବୁଟି ଓ ମସଲା ଗୋଳେଇ ହାଲୁକା ଭଜାଯାଏ । ଏଇଥିରୁ ଆମେ ଜାଣିପାରିବା ଆମେରିକୀୟଙ୍କର ସ୍ୱାଦ ବିଷୟରେ । ସେମାନେ ଆମ ପରି ତେଲ, ମସଲା ବା ରାଗର ପ୍ରୟୋଗ ଏତେଟା କରନ୍ତି ନାହିଁ ।



ଆମେରିକାର ପ୍ରକୃତ ବାସିନ୍ଦାମାନଙ୍କୁ ଆମେରିକାନ ଇଣ୍ଡିଆନ୍ସ ବା ନେଟିଭ ଆମେରିକାନସ ବୋଲି କୁହାଯାଏ। ଏମାନଙ୍କର ନିଜସ୍ୱ ଭାଷା , ସଂସ୍କୃତି ଓ ଐତିହ ରହିଛି । ଏମାନଙ୍କର ମଧ ଭିନ୍ନ ଭିନ୍ନ ଗୋଷ୍ଠୀ ରହିଛି । କଲମ୍ବସ ଆମେରିକା ଆବିଷ୍କାର କରିବାର ହଜାର ହଜାର ବର୍ଷ ପୂର୍ବରୁ ଏମାନଙ୍କର ପୂର୍ବପୁରୁଷମାନେ ବିଭିନ୍ନ ସ୍ଥାନରୁ ଆସି ଏଠାରେ ବସତି ସ୍ଥାପନ କରି ରହି ଯାଇଥିଲେ । ହେଲେ କଲମ୍ବସ ଆମେରିକା ଆବିଷ୍କାର କରିବା ପରେ ସାରା ପୃଥିବୀ ପାଇଁ ଏଠାକୁ ଆସିବାର ରାସ୍ତା ଫିଟି ଯାଇଥିଲା । ୟୁରୋପିଆନମାନେ ଆସିଲା ପରେ ସେମାନଙ୍କର ଖାଦ୍ୟ ଶୈଳୀ ଖୁବ ପ୍ରଭାବିତ କଲା ଆମେରିକୀୟ ଖାଦ୍ୟରୁଚିକୁ । ବର୍ତ୍ତମାନ ମେକ୍ସିକୋ, ଚାଇନା, ଇଟାଲୀ ଓ ଅନ୍ୟାନ୍ୟ ଦେଶର ଖାଦ୍ୟରୁଚି ବିଶେଷ ଭାବରେ ପ୍ରଭାବିତ କରିଛି ଆମେରିକୀୟ ଖାଦ୍ୟକୁ । ଏବେ ସେଠାକାର ଲୋକପ୍ରିୟ ଖାଦ୍ୟ ହେଉଛି, ସ୍ୟାଣ୍ଡୱିଚ, ବର୍ଗର, ହଟଡଗ ଓ ପିଜା । ସେଠାରେ ଲୋକମାନେ ରନ୍ଧାଖାଦ୍ୟ ଓ ପ୍ୟାକେଟ ଖାଦ୍ୟ ଉପରେ ଖୁବ ଅଧିକ ନିର୍ଭରଶୀଳ । ଆମ ପରି ପ୍ରତିଦିନ ରୋଷେଇ କରିବାର ପ୍ରଥା ସେଠାରେ ନାହିଁ । ସକାଳେ ସେମାନେ ସିରିଏଲ, କ୍ଷୀର, ଜୁସ ଓ ଫଳମୂଳ ଖାଇଥାନ୍ତି , ଦ୍ୱିପ୍ରହରରେ ସାଲାଡ, ସ୍ୟାଣ୍ଡୱିଚ, ବର୍ଗର ଆଦି ଖାଇଥାନ୍ତି । ସନ୍ଧ୍ୟାରେ ମଧ କିଛି କିଣି ଆଣି ଖାଇଥାନ୍ତି ଯେମିତି ପାସ୍ତା, ଟମାଟୋ ସସ, କବାବ ଓ ଆଳୁଭଜା ଇତ୍ୟାଦି । ଏଥିପାଇଁ ଆହୁରି ଅନେକ ବିକଳ୍ପ ମଧ ରହିଛି ।

ଆମେରିକାକୁ ଇମିଗ୍ରାଣ୍ଟସ ବା ଆପ୍ରବାସୀଙ୍କର ଦେଶ ବୋଲି କୁହାଯାଏ । କାରଣ କେବଳ ନେଟିଭ ଆମେରିକାନ୍ସଙ୍କୁ ଛାଡି ଦେଲେ ବାକି ଯେଉଁମାନେ ସେଠାରେ ଅଛନ୍ତି ସେମାନେ ସମସ୍ତେ ବିଭିନ୍ନ ଦେଶରୁ ସେଠାକୁ ଆସିଛନ୍ତି ଯଦିଓ ସେମାନେ ଦ୍ୱିତୀୟ କିମ୍ବା ତୃତୀୟ ପିଢିର ଆପ୍ରବାସୀ । କିନ୍ତୁ ନିଜ ଜିନରେ ଥିବା ଖାଦ୍ୟରୁଚିକୁ ଛାଡିବା କଣ ଏଡ଼େ ସହଜ କଥା । ବୋଧହୁଏ ସେଇଥିପାଇଁ ଆମେରିକାରେ ସବୁ ଦେଶର ରେଷ୍ଟୁରାଣ୍ଟ ରହିଛି । ଯେମିତିକି ଇଣ୍ଡିଆନ, ଚାଇନିଜ, ମେକ୍ସିକାନ, ଲେବାନିଜ, ପାକିସ୍ତାନୀ, ବାଂଲାଦେଶୀ ଇତ୍ୟାଦି ଇତ୍ୟାଦି, ଯେଉଁଠି ତୁମେ ନିଜ ଦେଶର ଖାଦ୍ୟର ମଜା ନେଇପାରିବ । ପାଖାପାଖି ନଅ ହଜାରରୁ ଉର୍ଦ୍ଧ୍ୱ ଭାରତୀୟ ରେଷ୍ଟୁରାଣ୍ଟ ରହିଛି ସାରା ଆମେରିକାରେ । ଆଉ ଏପରି ନୁହେଁ ଯେ ସେହି ରେଷ୍ଟୁରାଣ୍ଟକୁ କେବଳ ଭାରତୀୟମାନେ ଯାଇଥାନ୍ତି । ସେଠାକୁ ଅଣଭାରତୀୟ ମାନେ ମଧ ଅନେକ ଆସିଥାନ୍ତି । ଏଇଥିରୁ ଜଣାଯାଏ ଯେ ଆମେରିକାରେ ଭାରତୀୟ ଖାଦ୍ୟର ଚାହିଦା ଖୁବ ବେଶୀ । ବିଶେଷକରି ଦକ୍ଷିଣ ଭାରତୀୟ ଖାଦ୍ୟ ଇଡଲି, ଦୋସା , ବିରିଆନୀର ଚାହିଦା ସେଠାକାର ଆମେରିକୀୟଙ୍କ ମଧରେ ଅନେକ ବେଶୀ ।



ତା'ଛଡା ସେଠାରେ ରହୁଥିବା ଭାରତୀୟମାନେ ମଧ ସେଠାରେ ଥିବା ଅନ୍ୟ ଦେଶର ଖାଦ୍ୟର ମଜା ଉଠେଇବା ପାଇଁ ବିଭିନ୍ନ ରେଷ୍ଟୁରାଣ୍ଟ ଯାଇଥାନ୍ତି ।

କିଛି ଦିନ ପୂର୍ବରୁ ଆମକୁ ଜଣେ ଭାରତୀୟ ତାଙ୍କର ବେବି ସାୱାର ଯାହାକୁ ଆମ ଓଡିଶାରେ ସାଦଖିଆ ବୋଲି କହୁ, ଉତ୍ସବରେ ଯୋଗ ଦେବା ପାଇଁ ଡ଼ାକିଥିଲେ। କିନ୍ତୁ ଆମର ବାହାରିବାକୁ ଡେରି ହୋଇଗଲା । ଆମେ ସେଠାରେ ପହଞ୍ଚିଲା ବେଳକୁ ସେଠାରେ ତାଙ୍କ ପରିବାରର କିଛି ଲୋକ ଥିଲେ ସତ କିନ୍ତୁ ଖାଦ୍ୟ ଆଉ ନଥିଲା । ଆଉ ଆମେରିକୀୟ ନିୟମ ଅନୁସାରେ ଡେରିରେ କୌଣସି ଫଙ୍କସନରେ ପହଞ୍ଚିବାକୁ ଅଭଦ୍ରାମି ବୋଲି ମନେ କରାଯାଏ। ସେଥିପାଇଁ ଆମେ ସେମାନଙ୍କୁ କହିଲୁ ଆମେ ଖାଇକରି ଆସିଛୁ ବୋଲି । ହେଲେ ଭୋକରେ ପେଟ ଜଳୁଥିଲା । ସେଠାରୁ ଫେରିବା ବାଟରେ ଆମେ ପଶିଲୁ ଗୋଟେ ହଙ୍ଗକଙ୍ଗ ରେଷ୍ଟୁରାଣ୍ଟରେ ଯାହାର ନାଁ ଥିଲା 'କଙ୍ଗ ସିହକ ତୋଙ୍ଗ' । ସେଇ ଖାଦ୍ୟ ବିଷୟରେ ମୋର କୌଣସି ଧାରଣା ନ ଥିଲା। ତେଣୁକରି ଝିଅଜୋଇଁ କଥା ହୋଇ ମଗାଇଲେ ଖାଦ୍ୟ । ଖାଦ୍ୟ ପ୍ରସ୍ତୁତ ହେବା ଭିତରେ ଆମକୁ ଚାହା ପିଇବାକୁ ଦିଆଗଲା। ସେଇ ଚାହାର ନାଁ କଣ ମୁଁ କହି ପାରିବିନି । ହେଲେ ଚାହା କହିଲେ ବିନା କ୍ଷୀର ଓ ଚିନି ପଡିଥିବା ଲିକର ଚାହା । କହିବାକୁ ଗଲେ ତାର କିଛି ସ୍ୱାଦ ନ ଥିଲା କିନ୍ତୁ ଥିଲା ଖୁବ୍ ସୁନ୍ଦର ବାସ୍ନା । ତାକୁ ପିଇଲା ପରେ ଦେହ ଓ ମନରେ ବ୍ୟାପିଗଲା ଏକ ଅଦ୍ଭୁତ ସ୍ଫୁର୍ତ୍ତି ।

କିଛି ସମୟ ପରେ ଆସିଲା ମେନ କୋର୍ସ । ଜଣେ ଲୋକ ଆଣି ଟେବୁଲ ଉପରେ ଥୋଇଦେଲା ଗୋଟେ ଜଳନ୍ତା ଅଙ୍ଗାର ଭର୍ତ୍ତି ଟ୍ରେ । ଯାହାର ତଳେ ଥିଲା ଜଳୁଥିବା ଅଙ୍ଗାର ଓ ଉପରେ ଏକ ଲୁହା ପ୍ଲେଟ । ପ୍ଲେଟ ଉପରେ ଥିଲା କଡଫିସ ଭଜା ଯାହା ଚଡ ଚଡ ହେଇ ଫୁଟୁଥିଲା। ମୋତେ ଦେଖି ଭାରି ଆଶ୍ଚର୍ଯ୍ୟ ଲାଗିଲା। ଆରେ ହାତଗୋଡ ଫୋଟକା ହୋଇଯିବନି ତ ! ଝିଅ କହିଲା କିଛି ହେବନି ଖାଅ । ତା ସହିତ ଥିଲା ତିନୋଟି ଖୁବ ଛୋଟିଆ ଗିନାରେ ଭାତ ଯାହାକୁ ସେମାନେ ଷ୍ଟିକି ରାଇସ ବା ପେଜୁଆଭାତ କୁହନ୍ତି ଆଉ ସୁପ ଯେଉଁଥିରେ ପେଜ ପରି ପାଣିରେ ପଡିଥିଲା ଛତୁ , ଚିଙ୍ଗୁଡି, କିଛି ବନ୍ଧାକୋବିର ପତ୍ର ପରି ଲମ୍ବା ଲମ୍ବା ପତ୍ର, କଟା ପିଆଜଶାଗ ଆଉ ବିଭିନ୍ନ ପ୍ରକାରର ହର୍ବ। ତାକୁ ପୁଣି ଖାଇବାକୁ ଥିଲା ଦୁଇ ଖଣ୍ଡ କାଠି ବା ଚପଷ୍ଟିକରେ । ଏକରେ ଭୋକ ତା ଉପରେ ଖାଇବାରେ ପୁଣି ଏତେ ପରିପାଟି । ମୋତେ ଭାରି ରାଗ ଲାଗୁଥିଲା ଇଚ୍ଛା ହେଉଥିଲା ହାତ ଲଗେଇ ଫଟାଫଟ ଖାଇନେବି । ହେଲେ ସେଠାକାର ସଂସ୍କୃତି ଅନୁଯାୟୀ ଏହା ଇଟିଙ୍ଗ ମ୍ୟାନର ନୁହେଁ । ମୋ ମନରେ ଥିବା ଅସମଞ୍ଜସକୁ ଦେଖି ଝିଅ ୱେଟରକୁ କହିଲା ଚାମୁଚ ଆଉ କଣ୍ଟା ଚାମୁଚ ଦେବା ପାଇଁ । ଏବେ ମୁଁ ଆରାମରେ ଖାଇଲି ଯଦିଓ ମିକି ଓ ଚିକୁ ଚପଷ୍ଟିକରେ ଖାଉଥିଲେ । ଖାଦ୍ୟ ଖୁବ ସ୍ୱାଦିଷ୍ଟ ଥିଲା । ବିଶେଷ କରି କଡଫିସ ଭଜା।

ଶେଷରେ ଆସିଲା ହଙ୍ଗକଙ୍ଗର ପ୍ରସିଦ୍ଧ ମିଷ୍ଟାନ୍ନ । ଯାହାର ନାଁ ବି ଟିକେ ଅଦ୍ଭୁତ 'ମ୍ୟାଙ୍ଗୋ ପୋମେଲୋ ସାଗୋ'। ଏହାର ସ୍ୱାଦ ଥିଲା ଖଟାମିଠା । ଏହାକୁ ପୋମେଲୋ ନାମକ ଏକ କମଳା ପରି ଫଳର ରସରେ ତିଆରି କରାଯାଏ । ପୋମେଲା ରସ, ନଡିଆ କ୍ଷୀର, ଆମ୍ବ ରସରେ ଆମ ଓଡିଶାରେ ମିଳୁଥିବା ସାଗୁ ପରି ଟିକେ ବଡ ଆକାରର ସାଗୁ ପଡିଥାଏ । ତାକୁ କାଚ ଗିନାରେ ରଖି ଉପରେ ସଜା ଯାଇଥାଏ ଛୋଟ ଛୋଟ ଆମ୍ବ ଖଣ୍ଡ । ଏହାକୁ ଥଣ୍ଡା ଥଣ୍ଡା ପରଷାଯାଏ ।

ଏବେ ପେଟ ଆଉ ମନ ଉଭୟ ଥଣ୍ଡା ହୋଇ ଯାଇଥିଲା । ଆମ ଗାଡି ଫେରୁଥିଲା ଟ୍ୱିନ ଟାୱାର ଆପାର୍ଟମେଣ୍ଟ ଦିଗରେ । ଦୂର ଦିଗବଳୟରେ ଏବେ ସୂର୍ଯ୍ୟଦେବ ଘରବାହୁଡା ପାଇଁ ସଜବାଜ ହେଉଥିଲେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଆମ ଭାରତର କିଛି କଥା କିଛି ବ୍ୟଥା



ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)

ପରାଧୀନ ଓ ସ୍ୱାଧୀନ ଦୁଇଟି ମାତ୍ରାଶବ୍ଦ ଓ ଏହି ଦୁଇ ଶବ୍ଦ ମଧରେ କେତେ ଯେ ପାର୍ଥକ୍ୟ ତାକୁ ଯିଏ ଭୋଗ କରିଛି ସିଏ ହିଁ କହିପାରିବ । ଏସବୁ ରଚନା ଲେଖିବାର କଥା ନୁହଁ, ଅଙ୍ଗେ ଲିଭାଇବାର କଥା ।

ସ୍ୱଅଧୀନରେ ଥିବା ବ୍ୟକ୍ତିମାନଙ୍କୁ ସ୍ୱାଧୀନ କୁହା ଯାଉଥିବା ବେଳେ ପରର ଅଧୀନରେ ରହୁଥିବା ଲୋକଙ୍କୁ ପରାଧୀନ କହନ୍ତି । ମନୁଷ୍ୟର ଗୋଟିଏ ମନ ଅଛି ଓ ତା'ସାଙ୍ଗକୁ ତାରି ବୁଦ୍ଧି ଓ ବିବେକ ବି ଅଛି । ସଭିଏଁ ଚାହାଁନ୍ତି ନିଜ ଅଧୀନରେ ନିଜ ଇଚ୍ଛାକୁ ନେଇ ଜୀବନ ନିର୍ବାହ କରିବାକୁ । କିନ୍ତୁ ବେଳେ ବେଳେ ଏମିତି ପରିସ୍ଥିତି ଆସେ ଯେଉଁଥିରେ ନିଜ ଇଚ୍ଛା, ନିଜ ମନର କିଛି ଭୂମିକା ନଥାଏ । ଏ ମଣିଷକୁ ଚଳିବାକୁ ହୁଏ ଅନ୍ୟର ଇସାରାରେ, ନିର୍ଦ୍ଦେଶରେ । ନିଜର ବୁଲିବାକୁ ଇଚ୍ଛା, ନିଜର ଖାଇବାର ଇଚ୍ଛା ଓ କିନ୍ତୁ ଜଣେ ତାରି ଇଚ୍ଛା ଓ ଆବଶ୍ୟକତାକୁ ନେଇ ସେ କିଛି କରିବାକୁ ଚାହିଁଲେ କରିବାରେ ବାଧା ପ୍ରତିବନ୍ଧକ ଥିବ । ସେଭଳି ସ୍ଥିତିକୁ ପରର ଆୟତରେ ବୋଲି କୁହାଯାଇଥାଏ । ଯାହାକୁ କୁହାଯାଏ ପରାଧୀନ ଓ ଆମେ ନିଜ ଘରେ ଆଗ୍ରହାନୁଯାୟୀ ଗୃହପାଳିତ ପଶୁ ପକ୍ଷୀଙ୍କୁ ପାଳନ କରୁଥାଉ । ଗାଈ, ବଳଦ, କୁକୁରକୁ ପଘା ବା ଲୁହା ଶିକୁଳିରେ ବାନ୍ଧି ରଖୁ । ଆମେ ଚାହିଁଲେ ସେମାନଙ୍କୁ ଖାଦ୍ୟ କି ପାନୀୟ ଖାଇବାକୁ ଦେଉ ନୋହିଲେ ନାହିଁ। ଶୁଆ, ଶାରୀ ଆଦି ଚଢ଼େଇମାନଙ୍କୁ ପଞ୍ଜୁରି ମଧରେ ଆବଦ୍ଧ କରି ରଖୁ ଓ ଆକାଶରେ ଉଡ଼ିବୁଲି ତାଙ୍କରି ଇଚ୍ଛାରେ ଚରିବୁଲିବାକୁ ଛାଡୁନାହୁଁ । ଏସବୁ ବାସ୍ତବରେ ବନ୍ଦୀ ଜୀବନର କଥା ନୁହଁକି ? ଆମ ଘରେ ଆମ ଦେଶରେ ବନ୍ଦୀ ହୋଇ ଚଳିବା ବହୁତ ଦୁଃଖଦିଏ ଓ ସେହି ଅତିଷ୍ଠ ଦୁଃଖ ଯନ୍ତ୍ରଣାରୁ ମୁକୁଳିବାର କୌଣସି ରାହା ନଥାଏ । ଅଧିକା କଥା କହିଲେ ମୁକୁଳିବାକୁ ଚାହିଁଲେ ଲାଠି, ବନ୍ଧୁକ, ଗୁଳିର ପ୍ରହାର ହୁଏ ଉପରେ ଓ ସତ କହିଲେ ନିଜ ଅଧିକାର ସାବ୍ୟସ୍ତ କରିବାର କୌଣସି ଉପାୟ ନଥାଏ ଓ ତଥାପି ତୁମେ ଯଦି ଏହି ପରାଧୀନତାକୁ ବିରୋଧ କରିବାକୁ ଯାଅ, ତେବେ ତୁମକୁ ଅଧିକା ସଜା, ଦଣ୍ଡ ଭୋଗିବାକୁ ହୁଏ । ଏମିତିକି ଫାଶୀଦଣ୍ଡ ବା ବିଦ୍ରୋହୀ କହି ଗୁଳିକରି ତୁମର ଜୀବନ ହାରିବାକୁ ପଡ଼େ । ଏ ସବୁତ ପରାଧୀନ ଜୀବନର କଥା ।

ଆମ ଦେଶ ଭାରତ ଏକ ଜ୍ଞାନଗଙ୍ଗାର ଭୂମି । ବେଦ, ପୁରାଣ, ଶାସ୍ତ୍ରାନୁମୋଦିତ ଜୀବନ ହେଇଥାଏ ପ୍ରତିଟି ଭାରତୀୟଙ୍କର ଓ ପୃଥିବୀର ସମଗ୍ର ବାସିନ୍ଦାଙ୍କୁ ନିଜର ଭାଇବନ୍ଧୁ କୁଟୁମ୍ବ ଭାବୁଥିବା ଏଇ ଭାରତ ଦେଶ ଶହଶହ ବର୍ଷର ପରାଧୀନତା ଗ୍ରହଣ କରିନେଇ ଥିଲା ଅନେକ ଦିନରୁ । ଅବଶ୍ୟ ସ୍ୱାଧୀନତା ପାଇଁ ଦାବି କି ଆନ୍ଦୋଳନ ହୋଇ ନଥିଲା ବୋଲି ନାହିଁ । ସବୁ ସମୟରେ ସ୍ୱାଧୀନତା ପାଇଁ ହୋଇଥିବା ଆନ୍ଦୋଳନକୁ ବିଦେଶୀ ଶାସକମାନେ ନିଷ୍ଠୁରତାର ସହ ଚରମ ସ୍ଥାନରେ ପହଞ୍ଚି କାହାକୁ କିଭଳି କଳାପାଣି, ଜେଲ୍, ଜୋରିମାନା, ଲାଠିମାଡ଼, ଫାଶୀଦଣ୍ଡ ଦେଇ ଦବାଇବାରେ ସଫଳ ହେଉଥିଲେ । ଶାସକମାନଙ୍କର ଥିଲା ଏ ସ୍ୱର୍ଣ୍ଣପୁଣ୍ୟ ଭୂମି ଭାରତକୁ ଶୋଷଣ କରିବା, ଲୁଣ୍ଠନ କରିବା ଓ ଏ ନିରୀହ ଭାରତୀୟମାନଙ୍କୁ କ୍ରୀତଦାସ କରି ସଜେଇ ନିଜ କର୍ମରେ ଫାଇଦା ପାଇଁ ଲଗାଇ ରଖିବା। ସବୁ ସମୟ ଏକାଭଳି ଯାଏନି। ସବୁ ସମୟ ଓ କାଳ ପରିବର୍ତ୍ତନଶୀଳ ଓ ଉନ୍ନବିଂଶ ଶତାବ୍ଦୀ ଯାଏ ପଦଦଳିତ ହୋଇ ଚଳିଆସୁଥିବା ପରାଧୀନ ଭାରତବାସୀ କେତେ ବା ଆଉ ସହିବେ । ନିଜ ଜୀବନକୁ ଏ ସ୍ୱାଧୀନତାର ସୌଧ ନିର୍ମାଣ କରିବାରେ ନିର୍ଭୟେ ବଳି ଦେବାକୁ ଆଗୁସାର ହେଇ ଭିନ୍ନଭିନ୍ନ ବାଟରେ ଆନ୍ଦୋଳନ କଲେ ଓ ଭାରତମାତାଙ୍କ ସ୍ୱାଧୀନ ସ୍ୱଚ୍ଛନ୍ଦ ଭାବମୂର୍ତ୍ତି ସନ୍ଦର୍ଶନ ପାଇଁ କେତେ ଯେ, ତାର ବୀର ସନ୍ତାନ ବଳିଦେଲେ ତା'ର ଇୟତ ନାହିଁ ଓ ବ୍ରିଟିଶ୍ ବିରୋଧୀ ଏହି ଆନ୍ଦୋଳନ ମଝିରେ "ଦେଖିବ ଯେମନ୍ତ ଆଚାର, କରିବ ସେମନ୍ତ ବିଚାର" ଧାରାରେ ହିଂସା ଆଡ଼କୁ ଅବଧାବିତ ହେଲା । ଶାନ୍ତିକାମୀ ଭାରତୀୟ ମାନଙ୍କର ନାର୍ଯ୍ୟ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଯହିଁତହିଁ ବିପ୍ଳବର ସୂତ୍ରପାତ ହେଲା । ରକ୍ତ ପାଇଁ ରକ୍ତକୁ ଅର୍ଘ୍ୟଦାନ ସ୍ୱରୂପ ବଳି ଚଢ଼ାଇବାକୁ ଆଗେଇ ଆସିଲେ ଅସୁମାରୀ ସ୍ୱାଧୀନତା ସଂଗ୍ରାମୀ ଓ ଇଂରେଜ ମାନେ କାକୁସ୍ଥ ଭୟଶଙ୍କିତ ହେବାକୁ ଲାଗିଲେ ।

ଆଉ ଏ ଭାରତଭୂମୀକୁ ସେମାନଙ୍କ ପରାଧୀନତାର ସ୍ୱର୍ଗ ଭାବିବାରେ ଆସିଲା ବାଧକ ଓ ସ୍ୱାଧୀନତା ଆନ୍ଦୋଳନ ଆଉ ଆଗଭଳି ଭଳି ଚୁପ୍ ହେବାର ରାହା ଧରିଲା ନାହିଁ । ଓ କେମିତି କଣ ଇଂରେଜ ଶାସକମାନେ ପ୍ରଦେଶକୁ କିଭଳି କେମିତି ସୁରକ୍ଷିତ ଭାବେ ଫେରିବେ ତା'ର ବାଟ ପାଇଲେ ନାହିଁ । ଏମିତି ସନ୍ଧିକ୍ଷଣରେ ଆରମ୍ଭ ହୋଇଥିଲା, ଦ୍ୱିତୀୟ ମହାସମର । ଯୁଦ୍ଧ ଚାଲିଲା । ଇଂରେଜ ମାନେ ବ୍ରିଟିଶ୍ ସରକାର ଭାରତବାସୀଙ୍କ ଇନ୍‌କିଲାବ ଜିନ୍ଦାବାଦର ଅବିରତ ସ୍ୱରକୁ ଯେତେ ପ୍ରତିରୋଧ କଲେ ବି ଆଉ ଦବାଇ ପାରିଲେ ନାହିଁ ଓ ସେମାନଙ୍କର ଭୟହେଲା ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସେମାନଙ୍କ ଶତ୍ରୁ ପକ୍ଷର ଆହ୍ୱାନକୁ ଆଦର ନେବକି ? ସେମାନଙ୍କ କୂଟକପଟ କୌଶଳର ପ୍ରୟୋଗ କରି ଭାରତବାସୀଙ୍କୁ ବୁଝାଇ ପ୍ରତିଶ୍ରୁତି ଦେଇ କହିଲେ, ବିଶ୍ୱଯୁଦ୍ଧ ସରିଯାଉ ତାରି ପରେ ଭାରତକୁ ସ୍ୱାଧୀନତା ଅର୍ପଣ କରି ଆମ୍ଭେମାନେ ଇଂଲଣ୍ଡକୁ ଫେରିଯିବୁ । ମୋହନ ଦାସ କରମଚାନ୍ଦ ଚାନ୍ଦ ଗାନ୍ଧୀ ଯିଏକି ଦକ୍ଷିଣ ଆଫ୍ରିକାରୁ କଳାଗୋରାଙ୍କ ଆନ୍ଦୋଳନରେ ବିଜୟ ଲାଭ କରି ନିଜ ଜନ୍ମଭୂମିକୁ ଫେରିଆସି ଏହି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ଇଂରେଜଙ୍କ କଥା (ପ୍ରତିଶ୍ରୁତି) ଶୁଣି ଚାହିଁଲେ ଭାରତ ୟୁରୋପୀୟ ସଙ୍ଗେ ରହିବ, ଆଉ ବିଶ୍ୱଯୁଦ୍ଧ ସରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବରେ ଅପେକ୍ଷା କରି ଦେଶର ସ୍ୱାଧୀନତାକୁ। ବୀର ପୁଙ୍ଗବ ଓଡ଼ିଶା ମାଟିରେ ଜନ୍ମିତ ସୁଭାଷ କିନ୍ତୁ ଆରମ୍ଭ କରିଦେଇଥିଲେ ଜନ୍ମମାଟିର ସ୍ୱାଧୀନତା ସଂଗ୍ରାମ। ବିଶ୍ୱଯୁଦ୍ଧରେ ଭାରତୀୟ ସେନାଙ୍କୁ ଶତ୍ରୁ ପକ୍ଷରୁ ମୁକୁଳାଇ ଆଣି ଠିଆ କରି ଦେଲେ ଅଗ୍ନିବର୍ଷୀ କମାଣ୍ଡୋବାହିନୀ 'ଆଜାଦ୍ ହିନ୍ଦ୍ ଫୌଜ' ବ୍ରିଟିଶଙ୍କ ବିରୁଦ୍ଧରେ । ସଫଳ ବି ହେଲେ - ସ୍ୱାଧୀନ ଭାରତର ପୂର୍ବପ୍ରାନ୍ତରେ ତ୍ରିରଙ୍ଗା ଉଡ଼ାଇବାକୁ ।

ବିଶ୍ୱଯୁଦ୍ଧ ଶାନ୍ତିର ଡାକରାରେ ପରିସମାପ୍ତି ଘୋଷଣା ହେଲା । କିନ୍ତୁ ଘୋଷଣା ହେଲା ନାହିଁ ଭାରତର ସ୍ୱାଧୀନତା । କି ବଣ ପାହାଡ଼, ଆଦିବାସୀ ସମସ୍ତଙ୍କ ମଧରେ ତେଜ ପ୍ରକଟ କଲା । ଭାରତବାସୀଙ୍କ ଐକ୍ୟତାର ଏକଇ ମନ୍ତ୍ର "ଇଂରେଜ ତୁମେ ଫେରିଯାଅ, ମୋ ଭାରତ ସ୍ୱାଧୀନ ହେଉ ।" ତଥାପି କୂଟକୁଟିଳ ବୃଦ୍ଧି ସମ୍ପନ୍ନ ଇଂରେଜ ସରକାର ବିଳମ୍ବିତ ନ୍ୟାୟରେ ଭାରତୀୟଙ୍କ ମଧ୍ୟରେ ଭାଇଚାରାର ବିଭାଗ କଲେ ଓ ହିନ୍ଦୁ, ମୁସଲିମ୍‌ଙ୍କ ଐକ୍ୟବଦ୍ଧ ଆନ୍ଦୋଳନ କ୍ରମଶଃ ଆପଣା ଆପଣା ମଧରେ ଅନ୍ତଃସଂଗ୍ରାମରେ ପରିଣତ ହେଲା ।

ଇଂରେଜମାନେ ବୋଧେ, ଚାହୁଁଥିଲେ ଆମ ଶାସନ ଯଦି ଭାରତରୁ ହଟିବ ଆଉ ଭାରତ ସ୍ୱାଧୀନତା ପାଇବ, ତା'ହେଲେ ଭାରତରେ ଦୁଇ ବରିଷ୍ଠ ଜାତିଜାତି ମଧରେ ସଂଘର୍ଷ ହେଉ । ଏ' ଭାରତ ଶ୍ମଶାନ ହୋଇଯାଉ । ସେଥିରେ ସେମାନଙ୍କର ଯାଏ ଆସେ କେତେ ? ବରଂ ଇଂରେଜଙ୍କୁ ତଡ଼ିବାକୁ ଚାହୁଁଥିବା ଭାରତଦେଶ ଖଣ୍ଡବିଖଣ୍ଡିତ ବି ହେଇଯାଉ ସେଥିରେ ସେମାନେ ଶାନ୍ତି ପାଇବେ ଆଉ ଖୁସି ହେବେ। ରାଜନୀତିର କ୍ଷମତା ଜ୍ଞାନ-ପ୍ରଭୁତ୍ୱର ଅନ୍ତଃପ୍ରତିଯୋଗି ଲୋଭ କ୍ରମଶଃ ଛାଇଦେଲା ଏ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିବା ନେତାମାନଙ୍କୁ ଓ କିଏ ପଚାରେ ଏହି ବୟୋବୃଦ୍ଧ ମହାତ୍ମାଗାନ୍ଧୀଙ୍କର ଅହିଂସା ଓ ଭାରତର ସଂହତିର ସୁରକ୍ଷାକୁ । ଗୋଟିଏ ପଟେ ଜିନା ଆଉ ଆରପଟେ ଜବାହାରଲାଲ ନେହେରୁ। ଭାରତର ଇଂରେଜ ଶାସକ ସେ ବେଳରେ ଥିଲେ ଲର୍ଡ ମାଉଣ୍ଟବେଟନ ଓ ଜବାହାରଲାଲ ଥିଲେ ତାଙ୍କ ପରିବାରର ବନ୍ଧୁ । ଯିଏ ଯାହାର ପଶାପାଲି ଖେଳିଲେ ଓ ସ୍ୱାଧୀନତା ସଂଗ୍ରାମର ଏତେ ସବୁ ବଳିଦାନ କୁଆଡ଼େ କେମିତି ଉଭେଇବାକୁ ଲାଗିଲା । ସେ ଯାଏଁ ତିଷ୍ଠି ରହିଥିବା ଅଖଣ୍ଡ ଭାରତର ସ୍ୱରୂପକୁ ଦ୍ୱିଖଣ୍ଡିତ କରାଗଲା ଓ ହାୟରେ କପାଳ ! ସ୍ୱାଧୀନ ହେବାର ଆଶାନେଇ ଆମେ ଲଢ଼ିଥିଲୁ ଜୀବନ ଯୁଦ୍ଧ । ଖାତିର ନଥିଲା ଆମ ବଞ୍ଚିବା ନବଞ୍ଚିବାକୁ । ଆମ ତଥା ମୋ ମାଟି ମା' ଭାରତମାତାର ହସ୍ତପଦରୁ ଶୃଙ୍ଖଳ ହଟୁ । ସେ ହେଉ ଆମ ସିଦ୍ଧ ଦାୟିନୀ ମା' ମୋ'ଭାରତ ମାତା । ଅଗଷ୍ଟ ୧୪ ତାରିଖ ୧୯୪୭ ମସିହାର ନିଶାର୍ଦ୍ଧ ସମୟ । ରାତ୍ର ୧୨ଟା ପରେ ପ୍ରବେଶ କରିବ ଅଗଷ୍ଟ ୧୫ର ସମୟ କାଳ । ଭାରତ ଭୂଇଁ ପାକିସ୍ତାନ ଓ ଅନ୍ୟ ଅବଶିଷ୍ଟ ଭାରତ ଓ ନାମ ବଦଳିଗଲା ଅଖଣ୍ଡ ଭାରତ ବଦଳରେ ସୃଷ୍ଟିହେଲା ପାକିସ୍ତାନ ଓ ପାକିସ୍ତାନ ପୁଣି ଦୁଇଟି ପୂର୍ବ ଓ ପଶ୍ଚିମ ପାକିସ୍ତାନ । କଳହର ମଞ୍ଜି ପୋତି ଦେଇଗଲେ ଏ ଶାନ୍ତ ସୌହାର୍ଦ୍ଦ୍ୟର ଜ୍ଞାନଗର୍ଭା ଭାରତ ମାଟିକୁ ଦୁଇଭାଗ କରି । ସେ ଦିନରୁ ଲକ୍ଷ ଲକ୍ଷ ଭାରତବାସୀ ନିର୍ଯ୍ୟାତିତ ହେଲେ । ହିନ୍ଦୁ -ମୁସଲମାନଙ୍କ ମଧରେ ଥିବା ଏକତାର ରୂପ ବିଭାଜିତ ହୋଇ କରାଳରୂପ ନେଲା । କେତେ ମଲେ କେତେ ହଜିଲେ । କି ଦୁଃଖ ସିଏ, ନିର୍ଯ୍ୟାତିତ ହେଲେ ପାକ୍ ଭୂଇଁରେ ବାସ କରୁଥିବା ହିନ୍ଦୁ ଜନତା ଓ ଦେବଦେବୀ । ଗୁପ୍ତ ବୈଠକ ଓ ଚୁକ୍ତିରେ କ୍ଷମମତାର ଲୋଭକୁ ପରଷି ଦିଆଗଲା ମହମଦ୍ ଜିନା ଓ ନେହେରୁଙ୍କ ହାତରେ। ଚାଲିଲା ହିନ୍ଦୁସ୍ଥାନ ଓ ପାକିସ୍ତାନର ସୀମା ନିର୍ଦ୍ଧାରଣ ଓ ଦିଆଗଲା ଭାରତର ରାଜସ୍ୱ ପାଣ୍ଠିରୁ ଭାଇଭାଗର କ୍ଷତିପୂରଣ ରଣ । ପାକିସ୍ତାନର ସେନାଧ୍ୟକ୍ଷ କାଶ୍ମୀରକୁ ବଳପୂର୍ବକ ଅକ୍ତିଆର କରିବାକୁ ଚାହିଁ ଆକ୍ରମଣ କଲେ କାଶ୍ମୀର ଉପରେ। କାଶ୍ମୀରର ରାଜା ସାହେବ ଚୁକ୍ତିରେ ସ୍ୱାକ୍ଷର କରି ଭାରତ ସହ ରହିବାକୁ ଚାହିଁଲେ ଓ ସ୍ୱାଧୀନତା ପ୍ରାପ୍ତିର ପର ମୁହୂର୍ତ୍ତରୁ ଆରମ୍ଭ ହୋଇଗଲା ଭାରତ-ପାକିସ୍ତାନର ଯୁଦ୍ଧ ଯାତ୍ରା। ପଶ୍ଚିମ ପାକିସ୍ତାନ ରୂପାନ୍ତରିତ ହେଲା ବଙ୍ଗଳା ଦେଶରେ । କାରଗିଲ୍ ଯୁଦ୍ଧ, ଦିନ ଦୈନନ୍ଦିନ ଚାଲୁରହିଛି । ଛଦ୍ମ ଯୁଦ୍ଧ ଭାରତ ଉପରେ ଭିନ୍ନ ଭିନ୍ନ ମଞ୍ଚରେ ପୁଣି ସନ୍ତ୍ରାସବାଦ ହିନ୍ଦୁ ଇତ୍ୟାଦିର ଅସହନୀୟ କାର୍ଯ୍ୟଧାରାର ପ୍ରତିବେଦନ ଥିଲା ଆମର ଅପରେସନ୍ ସିନ୍ଦୂର। ଏଇତ ଆମର ସ୍ୱାଧୀନତା ପ୍ରାପ୍ତିର ଇତିହାସ । ନିଜ ସଚ୍ଚୋଟତା, ନିଷ୍ଠା ଓ ଦେଶପ୍ରେମ ଏବେ ଆମକୁ ବିଶ୍ୱର ଆର୍ଥିକ ବୃହତ୍ତମ ରାଷ୍ଟ୍ରର ମର୍ଯ୍ୟାଦା ଦେବାକୁ ଯାଉଛି । ଜୟ ଭାରତ, ଜୟ ଭାରତମାତାକୀ ଜୟ ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତିଡ଼ି,
ମୋ-୯୩୩୭୯୬୦୬୮୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୭ ଅଗଷ୍ଟ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

# ପୂର୍ଣ୍ଣ ବିକଶିତ ମଣିଷ ହେଉଛି ଈଶ୍ୱର ଓ ସଂସାର ଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ

♥ ଡକ୍ଟର ସୁରେଶ କୁମାର ନାୟକ

ଅତୀତର କର୍ମ ଫଳ ଟାଳି ଦେବା ସହଜ ନୁହେଁ। ତାହା କେବଳ ଉଚିତ କର୍ମ ଦ୍ୱାରା କରାଯାଇ ପାରିବ। ତେବେ ବର୍ତ୍ତମାନର କର୍ମଫଳକୁ ସେ ଉତ୍ତମ ଶିକ୍ଷା ଦ୍ୱାରା ବଦଳାଇ ଦେଇପାରିବେ। ଈଶ୍ୱରଙ୍କ ସମେତ ସମସ୍ତ ଜୀବ ଓ ଜଡ଼ ପ୍ରତି ଶ୍ରଦ୍ଧା ଭାବ ରଖିଲେ ଜୀବନଚକ୍ରରୁ ମୁକ୍ତି ମିଳିବ। ଲୋଭାସକ୍ତ ହୋଇ କେବଳ ନେଇଯିବା ମନୋଭାବ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ। ତେବେ ସବୁ ଲୋକଙ୍କର ଅହଂକାର ଏବଂ ସ୍ୱାର୍ଥଭାବ ସମାନ ନୁହେଁ। ପୂର୍ବଜ୍ଞାତ ସାରରେ ବିଧିବଦ୍ଧ ଭାବରେ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାକୁ ସାଧନା କୁହାଯାଏ । ଆମେ ଏ ଦୁନିଆକୁ ସାଧନା ଉଦ୍ଦେଶ୍ୟରେ ହିଁ ଆସିଥାଉ।

ସଂସାରରେ ଏପରି ଦୁଷ୍ଟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର କାମ ହେଉଛି ଅନ୍ୟର କ୍ଷତି କରିବା। ସେମାନେ କ୍ଷତି କଲାବେଳେ କିଛି ବିଚାର କରନ୍ତି ନାହିଁ। ଏମାନଙ୍କୁ ଦେଖିଲେ ଘୃଣା ଲାଗେ ଏବଂ ମନକୁ ଆସେ ପ୍ରଭୁ ଯଦି ମଙ୍ଗଳମୟ ତେବେ କେଉଁ କାରଣରୁ ଏମାନଙ୍କୁ ସୃଷ୍ଟି କରିଛନ୍ତି। ଗୁରୁଦେବ କିନ୍ତୁ କୁହନ୍ତି ଚେତନାର ବିବର୍ତ୍ତନ ପ୍ରକ୍ରିୟାରେ ଏମାନେ ଆବଶ୍ୟକ ବୋଲି ଏମାନଙ୍କର ଜନ୍ମ ହୋଇଛି। କାରଣ ସେମାନଙ୍କୁ ଦେଖି ଲୋକେ ଶିଖିବେ ଯେ ସେମାନଙ୍କ ପରି ହେବେ ନାହିଁ। ଭଲ-ମନ୍ଦ ବିଚାର ସେମାନେ କରିବେ। ଲୋକେ କିପରି ହେବା ଉଚିତ ଏବଂ କିପରି ହେବା ଉଚିତ ନୁହେଁ। ଯଦି ଜଣେ ମନ୍ଦ ବିଷୟରେ ନଜାଣେ ତେବେ ସେ ଭଲ ହୋଇପାରିବ ନାହିଁ। ତେଣୁ କୁହାଯାଏ ଈଶ୍ୱରଙ୍କ ଦୁନିଆରେ ସମସ୍ତଙ୍କର ଆବଶ୍ୟକତା ଅଛି। ସାଧକ ମାନଙ୍କ ବିକାଶ ନିମନ୍ତେ ଈଶ୍ୱର ଦୁଷ୍ଟ ମାନଙ୍କୁ ବ୍ୟବହାର କରନ୍ତି। ଏହାର ପ୍ରୟୋଗ କରି ସେ ଆଧ୍ୟାତ୍ମିକ ସାଧକର ଏକାଗ୍ରତା ଏବଂ ବିକାଶର ପରୀକ୍ଷା କରନ୍ତି। ଗୁରୁଦେବ କୁହନ୍ତି ଯେ ପୁର୍ନଜନ୍ମ ଲାଭ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ମୃତ୍ୟୁ ଏବଂ ଈଶ୍ୱର ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁଷ୍ଟ ସ୍ୱଭାବର ଲୋକମାନେ ନିଜର ଜୀବନକୁ ନର୍କ କରିବା ସହିତ ପାରିପାର୍ଶ୍ୱିକ ପରିସ୍ଥିତିକୁ ନର୍କରେ ପରିଣତ କରନ୍ତି ଏବଂ ପରଜନ୍ମରେ ଅତି ଦୁଃଖ ଭୋଗ କରନ୍ତି। ତେବେ ଏହି ଦୁଃଖ ସମୟରେ ସେମାନଙ୍କୁ ନଜର ଖରାପ କାମ ନିମନ୍ତେ ଅନୁତାପ କରିବାକୁ ସୁଯୋଗ ଦିଆଯାଏ। ଅନୁତାପ କଲେ ମୋକ୍ଷ ମିଳେ। ନଚେତ ଆହୁରି ଦୁଃଖ। ସେହିପରି ଅନ୍ୟଟି ହେଉଛି ଏ ଜୀବନ ଚକ୍ର ଭିତରେ ବିଭିନ୍ନ ମାୟାଜାଲ। ବୁଝିବାକୁଗଲେ ଏହି 'ମାୟାଟି ବସ୍ତୁତଃ କ'ଣ ?' ଯାହାର ପ୍ରକୃତ ସତ୍ତା ନଥାଏ ଅଥଚ ଯାହା ପ୍ରକୃତ ପରି ବୋଧ ହୁଏ ତାହା ମାୟା। ଯାହା ବୁଦ୍ଧି ଭ୍ରମ ବା ମୋହଗ୍ରସ୍ତ ସୃଷ୍ଟି କରେ। କେତେକଙ୍କୁ ଭ୍ରଷ୍ଟ ମଧ୍ୟ କରିଥାଏ ତାହା ହେଉଛି ମାୟା। ମାୟାର ଅଗଣିତ ଶକ୍ତି ରହିଛି। ବ୍ରହ୍ମ ଦୃଶ୍ୟମାନ ହେବା ପରିବର୍ତ୍ତେ ମାୟା ବଳରେ ଏହି ଜଗତ ଦୃଶ୍ୟମାନ ହେଉଛି। ମାୟା ସତ୍ୟ ନୁହେଁ କି ମିଥ୍ୟା ନୁହେଁ। ତାହା ସତ୍ୟତଃ ଏକ ମିଥ୍ୟା ଏବଂ ମିଥ୍ୟାତଃ ଏକ ସତ୍ୟ। ମାୟା ପ୍ରକୃତ ନୁହେଁ କି ଅପ୍ରକୃତ ନୁହେଁ ତାହା ବ୍ରହ୍ମଙ୍କ ପରି ପ୍ରକୃତ ନୁହେଁ। କାରଣ ଜ୍ଞାନଲାଭ କରିଥିବା ବ୍ୟକ୍ତି ପାଖରେ ମାୟା ଅଦୃଶ୍ୟ ହୋଇଯାଏ। ଏମିତିରେ କହିଲେ ମାୟା ଏକ ପ୍ରକାର ଇନ୍ଦ୍ରଜାଲ। ଯେତେବେଳେ ଯାଏ ଆପଣ ଏହି ଐନ୍ଦ୍ରିୟ ଜାଲିକତାକୁ ଦେଖିନଥାନ୍ତି ସେତେବେଳ ଯାଏ ଇନ୍ଦ୍ରଜାଲ ଆପଣଙ୍କୁ ବିମୋହିତ ଓ କୁହୁକ ବିସ୍ମିତ କରି ରଖିଥାଏ। ଠିକ ସେହିପରି ଆପଣ ଗୁରୁଦେବଙ୍କୁ ଚିହ୍ନି ପାରିଲେ, ଉପଲବ୍ଧିଲେ କୃପାପ୍ରାପ୍ତ ହେଲେ ଠିକ ସେହି ମୁହୂର୍ତ୍ତରେ ଏହି ମାୟାର ଇନ୍ଦ୍ରଜାଲ ଉଭାନ ହୋଇଯିବ। ଆପଣ ଜାଣିପାରିବେ ଯେ ଯାହା ବିସ୍ମୟ ସୃଷ୍ଟି କରିଥିଲା ତାହା ମିଥ୍ୟା।

ସଂସାରରେ ଏପରି ଦୁଷ୍ଟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର କାମ ହେଉଛି ଅନ୍ୟର କ୍ଷତି କରିବା। ସେମାନେ କ୍ଷତି କଲାବେଳେ କିଛି ବିଚାର କରନ୍ତି ନାହିଁ। ଏମାନଙ୍କୁ ଦେଖିଲେ ଘୃଣା ଲାଗେ ଏବଂ ମନକୁ ଆସେ ପ୍ରଭୁ ଯଦି ମଙ୍ଗଳମୟ ତେବେ କେଉଁ କାରଣରୁ ଏମାନଙ୍କୁ ସୃଷ୍ଟି କରିଛନ୍ତି। ଗୁରୁଦେବ କିନ୍ତୁ କୁହନ୍ତି ଚେତନାର ବିବର୍ତ୍ତନ ପ୍ରକ୍ରିୟାରେ ଏମାନେ ଆବଶ୍ୟକ ବୋଲି ଏମାନଙ୍କର ଜନ୍ମ ହୋଇଛି। କାରଣ ସେମାନଙ୍କୁ ଦେଖି ଲୋକେ ଶିଖିବେ ଯେ ସେମାନଙ୍କ ପରି ହେବେ ନାହିଁ। ଭଲ-ମନ୍ଦ ବିଚାର ସେମାନେ କରିବେ। ଲୋକେ କିପରି ହେବା ଉଚିତ ଏବଂ କିପରି ହେବା ଉଚିତ ନୁହେଁ। ଯଦି ଜଣେ ମନ୍ଦ ବିଷୟରେ ନଜାଣେ ତେବେ ସେ ଭଲ ହୋଇପାରିବ ନାହିଁ। ତେଣୁ କୁହାଯାଏ ଈଶ୍ୱରଙ୍କ ଦୁନିଆରେ ସମସ୍ତଙ୍କର ଆବଶ୍ୟକତା ଅଛି।

ଗୁରୁଦେବ କହିଛନ୍ତି ଯେ ଯେଉଁମାନେ ଆତ୍ମ ସନ୍ତୋଷ ଲାଭ ନିମନ୍ତେ ପ୍ରୟାସୀ ସେମାନେ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ ଏବଂ ଇନ୍ଦ୍ରିୟ ଜନିତ ସୁଖ ପଛରେ ଧାବିତ ହେବା ଉଚିତ ନୁହେଁ। ପ୍ରଶ୍ୱାସ ନଚାଲୁଥିବା ଶରୀର ଯେପରି କୌଣସି କାର୍ଯ୍ୟର ଆସେ ନାହିଁ ଏବଂ ତାହା ପଚିସଢ଼ି ଯାଏ ଠିକ ସେହିପରି ଜୀବନରେ ଯଦି ସତ୍ୟତାକୁ ସମ୍ମାନ ପ୍ରଦର୍ଶନ କରାନଯାଏ ତେବେ ତାହା ଅତ୍ୟନ୍ତ ଦୁଃଖଦୁର୍ଦ୍ଦଶାପୂର୍ଣ୍ଣ ହୋଇପଡ଼େ। ସତ୍ୟଠାରୁ କିଛି ମହାନ ନାହିଁ ବୋଲି ଗୁରୁଦେବ ବାରମ୍ବାର କହିଛନ୍ତି। ଭଗବାନ ସତ୍ୟ ଉପରେ ଆରୂଢ଼ ସତ୍ୟ ହିଁ ଭଗବାନ। ଜୀବନର ମୌଳିକ ବିଧାନ ହିଁ ସତ୍ୟ। ସତ୍ୟ ହିଁ ଅନ୍ତିମ ପନ୍ଥା ଓ ଅନ୍ତିମ ଲକ୍ଷ୍ୟ, ମୁକ୍ତିର ସରଣୀ। ଯେଉଁମାନଙ୍କ ହୃଦୟରେ ଶ୍ରଦ୍ଧାର ସ୍ରୋତ ପ୍ରବାହିତ ହେଉଛି ଏବଂ ସତ୍ୟକୁ ଯେଉଁମାନେ ଜୀବନର ସର୍ବସ୍ୱ ବୋଲି ଗ୍ରହଣ କରିନେଇଛନ୍ତି ଈଶ୍ୱର କେବଳ ସେମାନଙ୍କୁ ଦର୍ଶନ ଦେଇଥାନ୍ତି। ଜୀବନ ହେଉଛି ଈଶ୍ୱରଙ୍କ ବ୍ୟକ୍ତ ରୂପ ଚେତନାର ଏହି ସ୍ରୋତ ଆତ୍ମାନନ୍ଦର ପ୍ଲାବନ।

ଗୁରୁଦେବ କହିଛନ୍ତି ଜଡ଼ଠାରୁ ଜୀବ ପର୍ଯ୍ୟନ୍ତ ସବୁରେ ସେ ବିଦ୍ୟମାନ। ସେ ପୁଣି କହିଛନ୍ତି ପ୍ରତ୍ୟେକ ବ୍ୟକ୍ତି ଏହି ପାପଗୁଡ଼ିକ ପ୍ରତି ସଜାଗ ରହିଲେ ଜୀବନ ଅମୃତମୟ ହୋଇଉଠିବ। ସେହି ପାପ ଗୁଡ଼ିକ ହେଲା ମିଛି କହିବ ନାହିଁ, କାହା ସଂପର୍କରେ ଖରାପ କହିବ ନାହିଁ, ପଛରେ ଥାଇ ସମାଲୋଚନା କରିବ ନାହିଁ, ଅଧିକ କହିବ ନାହିଁ, କାହାରିକୁ ହତ୍ୟା କରିବ ନାହିଁ, ଚୋରୀ କରିବ ନାହିଁ, ନିଶାପାନ କରିବ ନାହିଁ, ମାଂସ ଭକ୍ଷଣ କରିବ ନାହିଁ, ଯୌନ ବ୍ୟଭିଚାରରୁ ନିବୃତ୍ତ ରହିବ, କ୍ରୋଧ କରିବ ନାହିଁ, ଲୋଭ ଠାରୁ ଦୂରେଇ ରହିବ, ବସ୍ତୁବାଦୀ ଦୁନିଆର ମୋହ ଠାରୁ ଦୂରରେ ରହିବ, ଅଧୈର୍ଯ୍ୟ ହେବ ନାହିଁ, କାହାରିକୁ ଘୃଣା କରିବ ନାହିଁ, ଅହଂକାର କରିବ ନାହିଁ, ଗର୍ବ କରିବ ନାହିଁ। ଏହାବାଦ କାହାରି ସୁଖକୁ ଈର୍ଷା କରିବ ନାହିଁ। ବରଂ ଅନ୍ୟର ସୁଖରେ ସୁଖୀ ହେବ ଏବଂ ଦୁଃଖରେ ଦୁଃଖୀ ହେବା ଉଚିତ। ଏହାଦ୍ୱାରା ଈଶ୍ୱରଙ୍କ ଶ୍ରଦ୍ଧାଭାଜନ ହେବା ସହଜ ହେବ ବୋଲି ଗୁରୁଦେବ ମାର୍ଗଦର୍ଶନ କରିଛନ୍ତି। ଆମ୍ଭେମାନେ ଈଶ୍ୱରଙ୍କର ଗୁରୁଦେବଙ୍କ ଏକ ଛଦ୍ମରୂପ ? କୌତୁକ ବଶତଃ ନିଜ ନିଜ ବେଶ ବଦଳାଇ ସଂସାରର ଜୀବନ ଚକ୍ରରେ ନୂଆ ବେଶ ଧରି କିଛି ବୃତ୍ତିଗତ ଜୀବନ ଦାୟିତ୍ୱରେ ରହିଛି। ଅଳ୍ପ ସମୟ ଭିତରେ ଆମ୍ଭ ମାନଙ୍କୁ ନିଜର ସତ୍ତା ଭୁଲି ଯିବାକୁ ପଡ଼େ। ପୂର୍ଣ୍ଣ ବିକଶିତ ମଣିଷ ହେଉଛି ଈଶ୍ୱର। ସଂସାର ଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ। ବନ୍ଧନଯୁକ୍ତ ଈଶ୍ୱର ମନୁଷ୍ୟ ଓ ବନ୍ଧନ ମୁକ୍ତ ମନୁଷ୍ୟ ଈଶ୍ୱର। ତେବେ ଆମ୍ଭେମାନେ ମୂଢ଼, ମାୟାଗ୍ରସ୍ତ ସାଂସାରିକ ମଣିଷ। ଈଶ୍ୱର ହେଉଛନ୍ତି ପରିପୂର୍ଣ୍ଣ ମନୁଷ୍ୟ। ଚେତନାର ଉପଲବ୍ଧି ଏୟା ଯେ ଈଶ୍ୱର ମନୁଷ୍ୟରେ ପରିଣତ ହୋଇଛନ୍ତି ଆଉ ମଣିଷ ପୁନର୍ବାର ଈଶ୍ୱରରେ ପରିଣତ ହେବ। କାମନାଯୁକ୍ତ ଈଶ୍ୱର ହିଁ ମନୁଷ୍ୟ। କିନ୍ତୁ ମନୁଷ୍ୟ ଈଶ୍ୱର ହେଉଛନ୍ତି କାମନା ବିଯୁକ୍ତ। ଗୁରୁଦେବଙ୍କ ଦିଗଦର୍ଶନ, ଗୁରୁକୃପା ପ୍ରାପ୍ତି ଶ୍ରେଷ୍ଠତମ ସୁଖ ଶାନ୍ତି ଲାଭ ପ୍ରଦାନ କରିଥାଏ।

♥ ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

# ବ୍ରିକ୍ସ ପାଇଁ ପରୀକ୍ଷାର ସମୟ



ସୌମେନ୍ଦ୍ର ଜେନା

ଟ୍ରମ୍ପଙ୍କ ଟାର୍ଗେଟରେ ଏବେ ମୁଖ୍ୟତଃ ବ୍ରିକ୍ସ ରାଷ୍ଟ୍ର ରହିଥିବା ହେତୁ ମୂଳ ପଞ୍ଚରାଷ୍ଟ୍ର ରୁଷିଆ, ବ୍ରାଜିଲ, ଚୀନ, ଦକ୍ଷିଣ ଆଫ୍ରିକା ଏବଂ ଭାରତ ପାଇଁ ପରୀକ୍ଷାର ସମୟ ପହଞ୍ଚିଛି । ବ୍ରିକ୍ସ ରାଷ୍ଟ୍ର ସମୂହର ଏକତା ଏବଂ କୂଟନୀତି ନିକଟରେ ଟ୍ରମ୍ପ ବିଫଳ ହେଉଥିବା ଯୋଗୁ ଆମେରିକାର ନୀତି ବଦଳାଇ ସେ ବିଶ୍ୱ ସମ୍ମୁଖରେ ଗାଲୁ ଗପ କହିବାରେ ଲାଗିଛନ୍ତି । ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ ଆମେରିକାର ରାଷ୍ଟ୍ରପତି ଆଦୌ କଥା ନହୋଇ ମଧ୍ୟ ନିଜଆଡୁ ଟ୍ରମ୍ପ ଭାରତ-ପାକ୍ ଯୁଦ୍ଧ ବନ୍ଦକରି ଦେବାକଥା ବାରମ୍ବାର କରି ବାହାଦୂରୀ ଦେଖାଇବାକୁ ଲାଗିଲେ । କିନ୍ତୁ ଟ୍ରମ୍ପ ଆଦୌ ଟେଲିଫୋନ ଯୋଗେ ମୋଦିଙ୍କ ସହ କଥା ହୋଇନଥିବା ବିଷୟ ପାର୍ଲିଆମେଣ୍ଟରେ ମୋଦି କହିବାପରେ ଟ୍ରମ୍ପଙ୍କ ଡହରାମୀ ଧରାପଡିଯାଇଥିଲା । ବାରମ୍ବାର ମିଛକଥା କହି ସେ ସାରା ଜଗତକୁ ଦିନରେ ହାରକିନ ଦେଖାଇ ଆସୁଥିଲେ, ଯାହାର ମୁଖା ଉନ୍ମୋଚନ ହୋଇଗଲା । ଏହାପରେ ଟ୍ରମ୍ପ ନିଜ ଆତ୍ମସମ୍ମାନକୁ ଭାରତ ଆଞ୍ଚ ଆଣିଲା ବୋଲି ମନେକରି ଆମଦାନୀରେ ପ୍ରବେଶ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି କରିବା ଘୋଷଣା କଲେ । ଠିକ୍ ତା ପୂର୍ବରୁ ବ୍ରାଜିଲର ରାଷ୍ଟ୍ରପତି ଲୁଲାଙ୍କ ବିରୋଧରେ ଯାଇ ୫୦ ପ୍ରତିଶତ ଶୁଳ୍କ ଲାଗୁକରିବା ଘୋଷଣା କରିଥିଲେ । ବ୍ରାଜିଲ ଭୟରେ ଶରଣ ପଶିବ ବୋଲି ଟ୍ରମ୍ପ ମନେକରିଥିଲେ ମଧ୍ୟ ଲୁଲା ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହେବେ ନାହିଁ ବରଂ ଚୀନ ରାଷ୍ଟ୍ରପତି ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହେବାକୁ ଉଚିତ୍ ମନେକରିବେ ବୋଲି କହି ଟ୍ରମ୍ପଙ୍କ ଗାଲକୁ ଚାପୁଡା ମାରିଦେଲେ । ଅପରପକ୍ଷେ ଲୁଲା ମୋଦି, ପୁତିନ ଏବଂ ଜିନପିଙ୍ଗଙ୍କ ସହ ଆଲୋଚନା କଲେ ।

ବ୍ରିକ୍ସ ଓ କ୍ୱାଡ ଉଭୟର ସଦସ୍ୟ ଥିବା ଭାରତ ପାଇଁ ଟ୍ରମ୍ପଙ୍କ ବ୍ୟବହାର ଖୁବ୍ କଷ୍ଟକର ହୋଇଛି । ଦେଶରେ ଜିଏମ୍ ଉତ୍ପାଦ ଏବଂ ଆମିଷଯୁକ୍ତ କ୍ଷୀର ବିକ୍ରି କରିବାକୁ ଭାରତ ଉପରେ ଚାପ ପ୍ରୟୋଗ କରୁଥିଲେ ଟ୍ରମ୍ପ । କିନ୍ତୁ ଭାରତୀୟ ସଂସ୍କୃତିରେ ଗୋରୁଙ୍କୁ ଆମିଷ ଖାଇବାକୁ ଦିଆଯାଏ ନାହିଁ ବରଂ ପୂଜା କରାଯାଏ,କ୍ଷୀରକୁ ଦେବତାଙ୍କୁ ଅର୍ପଣ କରାଯାଏ, ଯାହାର ନଜିର ଆମେରିକାରେ ନାହିଁ । ଭାରତର ଧାର୍ମିକ ବିଚାରଧାରା, ସଂସ୍କୃତି, ଗ୍ରାମୀଣ କୃଷକ- ସମସ୍ତଙ୍କୁ ନିଜ ରିମୋଟରେ ନଚାଇବାକୁ ଟ୍ରମ୍ପ ଯୋଜନା କରିଥିଲେ । ପାକ୍ ସେନାଧକ୍ଷଙ୍କୁ ଆମେରିକାକୁ ନିମନ୍ତ୍ରଣ କରି ବଙ୍ଗଳାଦେଶ ଓ ପାକ୍ ଉପରେ କୋହଳ ଶୁଳ୍କ ଲାଗୁକରି ଭାରତକୁ ଟାର୍ଗେଟ କରିବାକୁ ଲାଗିଲେ । ଏ ପ୍ରକାର ଶତ୍ରୁତାକୁ ମୋଦି ସହଜରେ ଗ୍ରହଣ କରିପାରିଲେ ନାହିଁ । କୌଣସି ପରିସ୍ଥିତିରେ ଭାରତ ଆମେରିକାର ଚାପରେ କାର୍ଯ୍ୟକରିବ ନାହିଁ ବୋଲି ଘୋଷଣା କରିବା ସହ ବନ୍ଧୁରାଷ୍ଟ୍ର ରୁଷିଆଠାରୁ ତୈଳ ଆମଦାନୀ ବନ୍ଦ କରିବ ନାହିଁ ବୋଲି ମଧ ଘୋଷଣା କଲା । କାଳେ ରୁଷିଆ ମନେକରିବ ଯେ ଭାରତ ଆମେରିକାର ଚାପରେ ମଥାନତ କରିବ, ସେଥିପାଇଁ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ପ୍ରଧାନମନ୍ତ୍ରୀ ମସ୍କୋ ପ୍ରେରଣ କଲେ ସ୍ୱତନ୍ତ୍ର ବାର୍ତ୍ତା ଦେବାପାଇଁ, ତାହାହେଲା ଭାରତ-ରୁଷିଆର ବନ୍ଧୁତା ଅଧିକ ସୁଦୃଢ ହେବ ସିନା, ଦୁର୍ବଳ ହେବନାହିଁ । ସେପଟେ ୩୧ ଅଗଷ୍ଟରେ ଚୀନରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଂଘାଇ ସହଯୋଗ ସଂଗଠନର ବୈଠକକୁ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ ବୋଲି ଘୋଷଣା ମଧ କଲେ । ବିଗତ ଦିନରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ରାମଫୋସାଙ୍କୁ ଆମେରିକା ରାଷ୍ଟ୍ରପତି ହ୍ୱାଇଟ ହାଉସ୍‌ରେ ଅପମାନିତ କରିଥିଲେ । ଏବେ ପ୍ରତିକ୍ରିୟାଶୀଳ ହୋଇ ରୁଷିଆ ଏବଂ ଭାରତର ଅର୍ଥନୀତିକୁ ମୃତ ବୋଲି କହି ନିଜର ବାଚାଳତା ପ୍ରଦର୍ଶନ କରିବାକୁ ଭୁଲିନାହାଁନ୍ତି । ଏପରିକି ପାକ୍‌ର ଯାସିର ମୁନିରଙ୍କ ପାଟିରେ ଭାରତକୁ ପରମାଣୁ ବୋମା ଧମକ ଶୁଣାଇଲେ । ଏପରିକି ଅଧା ଦୁନିଆକୁ ଧ୍ୱଂସ କରିଦେବା ଧମକ ମୁନିର ଆମେରିକାରେ କହିଲେ ।

ଏକଥା ସତ ଯେ ଯୁଦ୍ଧ ଯୋଗୁ ଆର୍ଥିକ ଦୃଷ୍ଟିରୁ କିଛିଟା ଦୁର୍ବଳ ହୋଇପଡିଥିବା ରୁଷିଆ ଟ୍ରମ୍ପଙ୍କ ଆର୍ଥିକ ସନ୍ତ୍ରାସବାଦକୁ ବିରୋଧ କରି ପୁନର୍ବାର ବିଶ୍ୱ ନେତୃତ୍ୱର ଚେସ୍‌ବୋର୍ଡକୁ ଫେରିଛି । ପୁତିନ ନିଜ ସହଯୋଗୀ ରାଷ୍ଟ୍ରଗୁଡିକ ସହ ଘନଘନ ଆଲୋଚନା ଜାରିରଖି ଆମେରିକାକୁ ଚେକମେଟ ଦେବାକୁ ଯୋଜନା କରୁଛନ୍ତି । ଟ୍ରମ୍ପ ଭାରତକୁ ରୁଷିଆର ତୈଳକ୍ରୟ ପାଇଁ ଆଳ କରି ଟାର୍ଗେଟ କଲାପରେ ଭାରତ ଅଧିକ କଠୋର ନୀତି ଗ୍ରହଣ କରିବାକୁ ଦର୍ଶାଇଛି । ଆମେରିକା ପ୍ରତି ଭାରତର ଏଭଳି କଠୋର ଆଭିମୁଖ୍ୟ ଲକ୍ଷ୍ୟକରି ରୁଷିଆର ରାଷ୍ଟ୍ରପତି ଭ୍ଲାଦିମର ପୁତିନ ଅଧିକ ଖୁସି ହୋଇଛନ୍ତି । ବ୍ରିକ୍ସ ମୁଦ୍ରା ପ୍ରଚଳନ ପାଇଁ ଏବେ ସହଜ ବାଟ ଫିଟିବ ବୋଲି ପୁତିନ ମନେକରୁଛନ୍ତି । ପୁତିନଙ୍କ ସହ ଭାରତ, ଚୀନ, ଉତ୍ତର କୋରିଆ, ବ୍ରାଜିଲ, ଇରାନ, କେନ୍ଦ୍ର ଏସିଆର ରାଷ୍ଟ୍ରସମୂହ, ଆଫଗାନିସ୍ଥାନ, ସଂଯୁକ୍ତ ଆରବ ଅମିରାତ, କ୍ୟୁବା, ଭେନେଜୁଏଲା ସମେତ ଲାଟିନ ଆମେରିକା ଏବଂ ଆଫ୍ରିକା ମହାଦେଶର ଅନେକଗୁଡିଏ ରାଷ୍ଟ୍ର ରହିଛନ୍ତି । କିନ୍ତୁ ଆମେରିକାର ଶୁଳ୍କଯୁଦ୍ଧ ଯୋଗୁ ଚୀନ ଓ ଭାରତ ପୁତିନଙ୍କୁ ଯେପରି ଦୃଢ ସମର୍ଥନ ଜଣାଇଛନ୍ତି ତାହା ରୁଷିଆକୁ ଆତ୍ମବଳ ଯୋଗାଇଛି । ଚୀନ ଓ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ଥିବା ଦୁଇଟି ଦେଶର ସହଯୋଗ ଏବେ ରୁଷିଆକୁ ନୀତିନିର୍ଦ୍ଧାରକ ନେତୃତ୍ୱ ଦେଇଛି ବୋଲି କହିଲେ ଠିକ୍ ହେବ । ବିଶେଷକରି ଟ୍ରମ୍ପଙ୍କ ଭାରତକୁ ବିରୋଧ କରିବା ନୀତିକୁ କାନାଡା, ଫ୍ରାନ୍ସ ପରି ରାଷ୍ଟ୍ର ଗ୍ରହଣ କରିପାରିନାହାନ୍ତି । ବ୍ରିଟେନ ମଧ ଟ୍ରମ୍ପଙ୍କୁ ପୂର୍ଣ୍ଣ ସମର୍ଥନ କରିନାହିଁ । ନାଟୋ ମେଣ୍ଟରେ ଥିବା ଅନେକ ରାଷ୍ଟ୍ର ଚୀନ-ଭାରତ-ରୁଷିଆର ତ୍ରିଶକ୍ତି ମେଣ୍ଟକୁ ଆକଳନ କରି ଅଧିକ ଆଶଙ୍କା ବ୍ୟକ୍ତ କଲେଣି । ଖାଦ୍ୟ ଉତ୍ପାଦନ ଓ ଯୋଗାଣ, ସାମରିକ ଶକ୍ତି ଓ ଚିକିତ୍ସା , ଅନୁସନ୍ଧାନ,ବିଜ୍ଞାନର ବିକାଶ, ଭିତ୍ତିଭୂମି ନିର୍ମାଣ, ଶକ୍ତି, ଯାନବାହନ ନିର୍ମାଣ ଆଦି ବିବିଧ କ୍ଷେତ୍ରରେ ପ୍ରଭୁତ ସଫଳତା ପାଇଥିବା ଏହିସବୁ ରାଷ୍ଟ୍ରର ଆତ୍ମନିର୍ଭରଶୀଳ ବ୍ୟବସ୍ଥା ନିର୍ମାଣ ହୋଇଛି । ବାଣିଜ୍ୟିକ ଦୃଷ୍ଟିରୁ କିଛିଟା କ୍ଷତି ଏହିସବୁ ରାଷ୍ଟ୍ରମାନଙ୍କର ହୋଇପାରେ, କିନ୍ତୁ ସେମାନେ ସେଥିରୁ ବାହାରିବା ପାଇଁ ଯେଉଁ ସାହସ ଆବଶ୍ୟକ, ତାହା ଏହିସବୁ ରାଷ୍ଟ୍ରମାନଙ୍କରେ ରହିଛି ।

ଟ୍ରମ୍ପଙ୍କ ନୀତିରୁ ଦେଖିବା କଥା ଯେ ଚୀନ ଭାରତ ତୁଳନାରେ ଅଧିକ ତୈଳ ରୁଷିଆଠାରୁ କ୍ରୟ କରୁଥିଲେ ହେଁ ଚୀନ ତୁଳନାରେ ଭାରତ ଅଧିକ ଟାର୍ଗେଟରେ ରହିଛି । କାରଣ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଅସ୍ଥିରତା ମାଧ୍ୟମରେ କ୍ଷମତା ପରିବର୍ତ୍ତନ କରିବା ହେଉଛି ଆମେରିକାର ଲକ୍ଷ୍ୟ । ବିଗତ ୧୧ବର୍ଷରେ ମୋଦି ଭାରତକୁ ଯେଉଁ ଶାସନଗତ ସ୍ଥିରତା, ଭିତ୍ତିଭୂମି ବିକାଶ, ପ୍ରତିରକ୍ଷାରେ ପରିବର୍ତ୍ତନ, ବିଦେଶ ନୀତିରେ ବିଚକ୍ଷଣତା, ବାଣିଜ୍ୟରେ ସଫଳତା,ବ୍ୟବସ୍ଥାରେ ପରିବର୍ତ୍ତନ, ବନ୍ଧୁତାରେ ନିବିଡତା, ଦେଶରକ୍ଷାରେ କଠୋରତା, ନିର୍ମାଣରେ ଆତ୍ମନିର୍ଭରତା, ଶିକ୍ଷାରେ ଭାରତୀୟତା, ଚିନ୍ତାରେ ରାଷ୍ଟ୍ରୀୟତା ଭରିଛନ୍ତି ତାହା ବାଇଡେନଙ୍କ ଠାରୁ ଟ୍ରମ୍ପଙ୍କ ପର୍ଯ୍ୟନ୍ତ ସବୁ ଆମେରିକୀୟ ରାଷ୍ଟ୍ରପତିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ୪୦୦ବର୍ଷର ଆମେରିକାକୁ ମୋଦି ହଜାର ହଜାର ବର୍ଷର ଭାରତୀୟ ସଂସ୍କୃତିର ପ୍ରାଚୀନତା କଥା କହିଲାବେଳେ ଗାତ୍ରଦାହ ହେବ ନିଶ୍ଚୟ, ଏଥିରେ ସନ୍ଦେହ ନାହିଁ । ତେଣୁ ଭାରତକୁ ଗାର୍ସେଟିଙ୍କୁ ପଠାଇ ବାଇଡେନ୍ ମୋଦିଙ୍କୁ କ୍ଷମତାରୁ ଅଲଗା କରିପାରିଲେ ନାହିଁ, ଯଦିଓ ସେ ବିରୋଧୀଦଳଗୁଡିକୁ ଢେର ଆର୍ଥିକ ସହଯୋଗ ଓ ସମର୍ଥନ ଏଥିପାଇଁ ଦେଇଥିଲେ । କିନ୍ତୁ ଏବେ ଟ୍ରମ୍ପ ମୋଦିଙ୍କୁ ନିଜର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମନେକରୁଛନ୍ତି । ଅପରପକ୍ଷେ ମୋଦି ଯେପରି ନିଜ ଦେଶରେ ଲୋକପ୍ରିୟ ନେତାର ମାନ୍ୟତା ପାଉଛନ୍ତି, ଠିକ୍ ସେମିତି ବିଶ୍ୱର ଅନେକ ବିକାଶଶୀଳ ଏବଂ ବିକଶିତ ରାଷ୍ଟ୍ର ମୋଦିଙ୍କ ପଦକ୍ଷେପକୁ ପ୍ରଶଂସା କରୁଛନ୍ତି । ତାଙ୍କ ବିଶ୍ୱବିଚାରକୁ ସମର୍ଥନ କରୁଛନ୍ତି । ମୋଦିଙ୍କ ଏହି ଜନପ୍ରିୟ ନେତୃତ୍ୱର ଛବି ଟ୍ରମ୍ପଙ୍କ ପାଇଁ କଷ୍ଟଦାୟକ ହୋଇଛି । ଟ୍ରମ୍ପ ନିଜକୁ ବିଶ୍ୱର ବଡ ସାମନ୍ତ ଭାବେ ପ୍ରତିଷ୍ଠା ଦେବାକୁ ଚାହୁଁଛନ୍ତି । କିନ୍ତୁ ମୋଦି ଦକ୍ଷିଣ ବିଶ୍ୱର ସୁରକ୍ଷା, ମାଗଣାରେ ଟୀକା ବଣ୍ଟନ, ଅନେକ ରାଷ୍ଟ୍ରକୁ ଖାଦ୍ୟାନ୍ନ ଯୋଗାଣ, ପଡୋଶୀ ରାଷ୍ଟ୍ରଗୁଡିକର ବିକାଶ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିବା ପରି ଭଲ ପଦକ୍ଷେପ ନେଇପାରିଛନ୍ତି । ବିପର୍ଯ୍ୟୟ ବେଳେ ଭାରତ ଅନେକ ଦେଶରେ ସହାୟତା ଦେବାରେ ଆଗେ ପହଞ୍ଚିଯାଉଛି । ଭାରତ ମହାସାଗରରେ ସନ୍ତ୍ରାସବାଦୀଙ୍କ କବଳରୁ ଜାହାଜକୁ ମୁକ୍ତ କରିବା କିମ୍ବା ନେପାଳ, ତୁର୍କୀପରି ଦେଶର ଭୂମିକମ୍ପ ବେଳେ ସହାୟତା ଯୋଗାଇ ଦେବାରେ ଭାରତ ଆଗରେ ରହିଛି । ଆର୍ଥିକ ଦୁର୍ଗତି ମଧ୍ୟରେ ଥିବା ଶ୍ରୀଲଙ୍କା ଓ ମାଳଦ୍ୱୀପକୁ ରକ୍ଷାକରିବା ଲାଗି ସାହାଯ୍ୟ କରିଆସୁଛନ୍ତି । ଭାରତର ଅର୍ଥନୀତି ଦ୍ରୁତଗତିରେ ବିକାଶ କରୁଥିବା ହେତୁ ଟ୍ରମ୍ପ ଆଉ ଏକ ବଡ ଅର୍ଥନୀତି ନିର୍ମାଣ ହେବାର ବିରୋଧରେ ରହିଛନ୍ତି । ତେଣୁ ଈର୍ଷାରେ ଭାରତର ଅର୍ଥନୀତିକୁ "ମୃତ ଅର୍ଥନୀତି" ବୋଲି କହି ଗାଳିଦେବାକୁ ପଛାଇନାହାନ୍ତି ।

ଟ୍ରମ୍ପ ଶାସନକୁ ଆସିବା ପରଠାରୁ ଜଣକ ପରେ ଜଣେ କରି ବ୍ରିକ୍ସର ନେତାଙ୍କୁ ଗାଳିଦେବାରେ ଲାଗିଛନ୍ତି । ବ୍ରିକ୍ସ ଦେଶଗୁଡିକର ସାମୂହିକ ଅର୍ଥନୀତି ଏବେ ବିଶ୍ୱରେ ଅନ୍ୟସବୁ ଗୋଷ୍ଠୀର ଅର୍ଥନୀତିଠାରୁ ବଡ । ଜି-୭ ପରି ଗୋଷ୍ଠୀ କିମ୍ବା ନାଟୋ ପରି ଗୋଷ୍ଠୀର ମିଳିତ ଅର୍ଥନୀତି ବ୍ରିକ୍ସ ସମକକ୍ଷ ହେବ ନାହିଁ । ଅନ୍ୟପକ୍ଷରେ ଏହି ସମୂହକୁ ଭାଙ୍ଗିବାକୁ ଟ୍ରମ୍ପ ଅନେକ ପ୍ରୟାସ କରି ମଧ୍ୟ ସଫଳ ହୋଇପାରିନାହାନ୍ତି । କେବେ ରୁଷିଆ, କେବେ ଚୀନ ଏବଂ ଭାରତ ଏବେ ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାକୁ ଟାର୍ଗେଟରେ ରଖି ଟ୍ରମ୍ପ କାର୍ଯ୍ୟ କରୁଛନ୍ତି । ପ୍ରବେଶ ଶୁଳ୍କ ବା ତାରିଫ ଆଳରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ଅର୍ଥନୀତିକୁ ଦୁର୍ବଳ କରିବା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ । ତେଣୁ ବ୍ରିକ୍ସ ସମୂହ ଟ୍ରମ୍ପଙ୍କ ଟାର୍ଗେଟକୁ କିପରି ସାମ୍ନା କରିବେ ସେଥିପାଇଁ ଏବେଠୁ ମିଳିତ ଭାବେ ଯୋଜନା କରିବା ଦରକାର ।

♥ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

## ୨ ଲୁମ୍ବିନୀ ଉଦ୍ୟାନରେ ବୁଦ୍ଧଙ୍କ ଜନ୍ମ

ସ୍ୱପ୍ନ ଦେଖିବାର ପ୍ରାୟ ଦଶ ମାସ ପରେ ରାଣୀ ଆସନ୍ନ ପ୍ରସବା ହେଲେ। ତେଣୁ ସେ ରାଜାଙ୍କ ପାଖକୁ ଯାଇ କହିଲେ, "ପ୍ରିୟ, ମୁଁ ବାପଘରକୁ ଯିବାକୁ ଚାହୁଁଛି। ମୋର ସନ୍ତାନ ଖୁବ୍ ଶୀଘ୍ର ଭୂମିଷ୍ଠ ହେବାକୁ ଯାଉଛି।" ତତ୍କାଳୀନ ସମୟରେ ନାରୀମାନେ ସନ୍ତାନ ପ୍ରସବ ନିମନ୍ତେ ପିତ୍ରାଳୟକୁ ଯିବାର ସାମାଜିକ ପରମ୍ପରା ଭାରତରେ ଥିଲା। ରାଜା ଏଥିରେ ସମ୍ମତି ପ୍ରକାଶ କରି କହିଲେ, "ଭଲକଥା, ତୁମେ ଯିବାର ସମସ୍ତ ଦରକାରୀ ବନ୍ଦୋବସ୍ତ ମୁଁ କରିଦେଉଛି।"

ତତ୍ପରେ ରାଜା ଆଗେ ଆଗେ କେତେଜଣ ସୈନ୍ୟଙ୍କୁ ରାସ୍ତା ପରିଷ୍କାର କରିବାର ନିମନ୍ତେ ପଠାଇଲେ ଏବଂ ରାଣୀଙ୍କୁ ନିଆଯାଉଥିବା ସୁସଜ୍ଜିତ ପାଲିଙ୍କିର ସୁରକ୍ଷା ପାଇଁ ମଧ୍ୟ ଆଉ କେତେଜଣଙ୍କୁ ନିୟୋଜିତ କଲେ। ସୈନିକ ଓ ଅନୁଚରବର୍ଗଙ୍କ ଏକ ଲମ୍ବା ଶୋଭାଯାତ୍ରା ସହ ରାଣୀ କପିଳାବସ୍ତୁ ତ୍ୟାଗ କରି ପିତୃରାଜ୍ୟର ରାଜଧାନୀ ଅଭିମୁଖେ ଗମନ କଲେ।

କୋଲିୟ ରାଜ୍ୟ ଯିବା ପଥରେ ପଡ଼ିଲା ଲୁମ୍ବିନୀ ନାମକ ଏକ ଉଦ୍ୟାନ। ଏହି ଉଦ୍ୟାନ ହିମାଳୟ ପର୍ବତର ପାଦଦେଶରେ ଅବସ୍ଥିତ ନେପାଳ ନାମକ ରାଜ୍ୟର ନିକଟବର୍ତ୍ତୀ। ସେହି ସମୟରେ ଶାଳଗଛ ମାନଙ୍କରେ ଫୁଲଫୁଟି ଉଦ୍ୟାନଟି ସୁମଧୁର ବାସ୍ନାରେ ପରିପୂର୍ଣ୍ଣ ହୋଇ ଯାଇଥିଲା ଏବଂ ହଜାର ହଜାର ପକ୍ଷୀ, ମହୁମାଛି ଓ ଅନ୍ୟ କୀଟପତଙ୍ଗ ଗଛମାନଙ୍କରେ ସମ୍ମିଳିତ ହୋଇଥିଲେ।

ଏହି ସୁନ୍ଦର ଉଦ୍ୟାନର ବୃକ୍ଷ, ସୁବାସିତ ପୁଷ୍ପ ଏବଂ ଉଡ଼ି ବୁଲୁଥିବା ପକ୍ଷୀ ଓ ମଧୁମକ୍ଷୀ ରାଣୀଙ୍କୁ ଆକର୍ଷିତ କଲା। ଏହି ଉଦ୍ୟାନଟି ବିଶ୍ରାମ ନିମନ୍ତେ ସର୍ବୋତ୍ତମ ଥିବାରୁ ରାଣୀ ପାଲିଙ୍କି ବାହକମାନଙ୍କୁ ସେଠାରେ କିଛି ସମୟ ରହିବା ପାଇଁ ଆଦେଶ ଦେଲେ। ସେଠାକାର ଗୋଟିଏ ଶାଳବୃକ୍ଷ ତଳେ ରାଣୀ ବିଶ୍ରାମ ନେବା ବେଳେ ସେ ଏକ ଶିଶୁପୁତ୍ରକୁ ଜନ୍ମଦେଲେ। ସେଦିନ ଥିଲା ଏକ ଶୁଭଙ୍କର ଦିନ, ଖ୍ରୀଷ୍ଟପୂର୍ବ ୬୨୩ ବୈଶାଖ ପୂର୍ଣ୍ଣିମା। କିମ୍ବଦନ୍ତୀ ଅନୁସାରେ ଶିଶୁଟି ଜନ୍ମହେବା ମାତ୍ରେ ସାତ ପାଦ ଆଗକୁ ଚାଲିଲେ ଏବଂ ଯେଉଁ ଯେଉଁ ସ୍ଥାନରେ ତାଙ୍କ ପାଦ ଭୂମି ସ୍ପର୍ଶ କରିଥିଲା ସେହି ସ୍ଥାନମାନଙ୍କରେ ଗୋଟିଏ ଲେଖା ପଦ୍ମଫୁଲ ଫୁଟିଗଲା। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଉକ୍ତ ଶିଶୁଟି କହିଲା -



"ଅଗୋହାମାସ୍ମି ଲୋକସ୍ଥା/ଜେଠୋ ହମାସ୍ମି ଲୋକସ୍ଥା/ ସେଠୋ ହମାସ୍ମି ଲୋକସ୍ଥା/ ଅୟମନ୍ତିମା ଜାତି/ ନସ୍ଥି ଦାନ ପୁନର୍ଭବୋ।"

ଅର୍ଥାତ୍ - "ମୁଁ ପୃଥିବୀର ମୁଖ୍ୟ/ଏଠାରେ ମୋ ସମାନ କେହିନାହିଁ/ ମୁଁ ସର୍ବୋଚ୍ଚ ଅଟେ/ ଏହା ମୋର ଶେଷଜନ୍ମ/ମୋ ପାଇଁ ଆଉ କୌଣସି ପୁନର୍ଜନ୍ମ ନାହିଁ।"

ଶିଶୁପୁତ୍ରକୁ ଜନ୍ମଦେବା ପରେ ରାଣୀ ମହା ମାୟାଦେବୀ ତତ୍କ୍ଷଣାତ୍ କପିଳାବସ୍ତୁ ଫେରିଆସିଲେ। ଯେତେବେଳେ ରାଜା ଏକଥା ଶୁଣିଲେ ସେ ବହୁତ ଖୁସି ହେଲେ ଏବଂ ସମଗ୍ର ରାଜ୍ୟରେ ଆନନ୍ଦର ଲହରି ଖେଳିଗଲା। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# କଂଗ୍ରେସ ଅଫିସରେ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ବାଲେଶ୍ୱର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବ ରେ ଜ଼ିଲ୍ଲା କଂଗ୍ରେସ ସଂଯୋଜକ ସଂଜୀବ ଗିରି ପତାକା ଉତ୍ତୋଳନ କରିବା ସହ କଂଗ୍ରେସ ର କଷ୍ଟଲବ୍ଧ ସ୍ୱାଧୀନତା ସଂଗ୍ରାମ ରେ ଭୂମିକା ବିଷୟରେ ଆଲୋକପାତ କରିବା ସହିତ ବର୍ତମାନ ପରିସ୍ଥିତି ରେ କଂଗ୍ରେସ କୁ ଆଉ ଏକ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା ଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତ୍ରୀ ଅର୍ଚନା ନନ୍ଦୀ, ଜ଼ିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ଯୁବ ନେତା ସରୋଜ ଲେଙ୍କା, କୃଷ୍ଣ ଗୋପାଳ ପଣ୍ଡା, ଜ୍ଞାନେନ୍ଦ୍ର ମହାନ୍ତି, ଦେବଦତ୍ତ ଦାସ, ଉର୍ମିଳା ମାଝୀ, ହେମଲତା ଦାସ ଓ ବାସନ୍ତୀ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ୨୦୨୫ ଅନୁଷ୍ଠିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ୭୯ତମ ସ୍ୱାଧୀନତା ଦିବସ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକରୀ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ ।

ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱରର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ । ସେ ଇଞ୍ଚୁଡିର ଲବଣ ସତ୍ୟାଗ୍ରହ, ଇରମର ରକ୍ତଭିଜା ବଳିଦାନ, ବାଘାଜତୀନଙ୍କ ବିପ୍ଳବୀ ସଂଘର୍ଷ, ଫକୀର ମୋହନଙ୍କ ସାହିତ୍ୟ, ରାଧାନାଥଙ୍କ ଜାତୀୟବାଦୀ କବିତା ଏବଂ କୁନ୍ତଳା କୁମାରୀ ସାବତଙ୍କ "ଆହ୍ୱାନ" ଓ "ଗଡ଼ଜାତ କୃଷକ" ଆଦିକୁ ସ୍ମରଣ କରିଥିଲେ । ସେ ଜିଲ୍ଲାରେ ରାସ୍ତା, ପାଣି, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଏବଂ ଚାନ୍ଦିପୁର ଫିସିଙ୍ଗ ହାର୍ବର, ବସ୍ତାର ହାଇଜେନିକ୍ ଫିସ୍ ମାର୍କେଟ, ତାଳସାରି ଓ ଉଦୟପୁରର ଉନ୍ନତିକରଣ ଆଦି ବିକାଶମୂଳକ କାର୍ଯ୍ୟକୁ ଉଲ୍ଲେଖ କରିବା ସହ ଯେ କ୍ଷେତ୍ର ରେ ଆହୁରି ସୁଯୋଗ ରହିଛି ଏବଂ ଲୋକଙ୍କ ସହାୟତାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ । କୋଷ୍ଟ କେନାଲର ପୁନରୁଦ୍ଧାର, ଉଜଉଡ଼ର ଉନ୍ନତ ଟେକ୍ନୋଲୋଜି ଏବଂ ଶିଳ୍ପ ପ୍ରତିଷ୍ଠାନ ପାଇଁ ପ୍ରଶାସନିକ ସହଳତା ଉପରେ ଆଲୋକପାତ କରିଥିଲେ । ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱରର ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ବିଶ୍ୱସ୍ତରୀୟ ସଫଳତାକୁ ପ୍ରଶଂସା କରିଥିଲେ, ଯିଏ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁରରେ ସ୍ୱର୍ଣ୍ଣ ପଦକ ଓ ଇଣ୍ଡିଆନ ଓପନ ଆଥଲେଟିକ ମିଟ-୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତି ଦେଶର ସୁନାମ ବଢ଼ାଇଛନ୍ତି ।ସୁଭଦ୍ରା ଯୋଜନା ଓ ଆୟୁଷ୍ମାନ ଭାରତ ଭଳି ଜନକଲ୍ୟାଣକାରୀ ଯୋଜନାର ସଫଳତା ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନାକୁ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ୪୯ଟି ଦଳ ମାର୍ଚ୍ଚ ପାଷ୍ଟରେ ଭାଗ ନେଇଥିବା ବେଳେ ଚଢର, ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଏବଂ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା, ଯାହା ବଜ୍ରପାତ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ଯୁଦ୍ଧ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

ଏହା ପରେ ଜିଲ୍ଲା ପ୍ରଶାସନ ତରଫରୁ ୧୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏହା ସହ ପ୍ୟାରେଡ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥି ବୃକ୍ଷରୋପଣ କରିଥିଲେ । ଏହା ପରେ ଆଜି ମୁଖ୍ୟ ଅତିଥି ବାଲେଶ୍ୱର ହ୍ୟାଣ୍ଡିକ୍ୟାପେଡ୍ ୱେଲ୍ଫ୍ୟାର ଇନଷ୍ଟିଚ୍ୟୁଟ୍ ପରିଦର୍ଶନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡ.ଏ.ଏ), ବାଲେଶ୍ୱରରେ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ ଏବଂ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଜିଲ୍ଲା ଜେଲ, ବାଲେଶ୍ୱରରେ ବନ୍ଦୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା । ବାଲେଶ୍ୱର ଆର୍ଟ ଓ କ୍ରାଫ୍ଟ କଲେଜରେ କଳା ପ୍ରଦର୍ଶନୀ ପରିଦର୍ଶନ କରାଯାଇଥିଲା ।

ଅପରାହ୍ନରେ ପରମିଟ ଗ୍ରାଉଣ୍ଡରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ମିଡିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରେଣ୍ୟ ଅତିଥିବୃନ୍ଦ, କୁନି କୁନି ପିଲାଙ୍କ ଉତ୍ସାହ, ଗଣମାଧ୍ୟମ ର ସହାୟତା ଏବଂ ବୁଦ୍ଧିଜୀବୀଙ୍କ ସହଯୋଗରେ ସ୍ୱାଧୀନତା ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଛି ।

# ମାୟାବର୍ହା ଗ୍ରାମରେ ଜାତୀୟ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଆୟୋଜିତ

ସୁବର୍ଣ୍ଣପୁର, ୧୬/୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ ମାୟାର୍ହାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ପ୍ରତ୍ୟକ୍ଷ ତତ୍ୱବଧାନ ତଥା ପରିଚାଳନା କମିଟି, ମୋ ସ୍କୁଲ ଅଭିଯାନ କମିଟିର ସଦଶ୍ୟବୃନ୍ଦ, ସ୍ୱଂୟ ସହାୟକ ଗୋଷ୍ଠୀ ତଥା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ କ୍ରମେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଗ୍ରାମବାସୀଙ୍କ ସହ ୫୦୦ ଫୁଟ ଲମ୍ବର ଜାତୀୟ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ଚିନ୍ମୟ ଦାସ, ରାଜୁ ମେହେର, ନନ୍ଦିଘୋଷ ବାରିକ, ସଞ୍ଜୀବ କୁମାର ପୂଜାରୀ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରାଧାକାନ୍ତ ଯୁଆଡୀ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଆଜିକାର ଏହି ଶୋଭାଯାତ୍ରାରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଶାନ୍ତନୁ ପ୍ରଧାନ, ବ୍ରଜବନ୍ଧୁ ନାୟକ, ପରିଚାଳନା କମିଟି ସଦସ୍ୟ ଭକ୍ତ ଭୋଇ, ବେଣୁଧର ଚୌଧୁରୀ, ସମ୍ପଦ ଖମାରୀ, ତପସ୍ୱିନୀ ଦାସ,କୃଷ୍ଣଚନ୍ଦ୍ର ବୁଢିଆ, ମା ତାରିଣୀ ସ୍ୱାହଂସହାୟକ୍ ଗୋଷ୍ଠୀ ଓ ଅନ୍ୟସ୍ୱୟଂସହାୟକ୍ ଗୋଷ୍ଠୀ ର ସଦସ୍ୟାବୃନ୍ଦ, ବିଦ୍ୟାଳୟର ଆଲୁମିନୀ ସଦସ୍ୟ, ଯୁବକ ସଂଘର ସଦସ୍ୟ ବୃନ୍ଦ ବିରାଟ ଶୋଭାଯାତ୍ରାରେ ଭାଗ ନେଇଥିଲେ । ସପ୍ତାହ ବ୍ୟାପି ଚାଲିଥିବା ହର ଘର ତ୍ରିରଙ୍ଗା ଅବସରରେ ପ୍ରତିଦିନ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ କିରଣ କୁମାର ପଟେଲ, ସ୍ନିଗ୍ଧା ପ୍ରଧାନ, ମୀନକେତନ ଦାସ, ବିଭୀଷଣ ଖମାରୀ, ସୁରଜ୍ ଖମାରୀ , ସମୀର କାଠର ପ୍ରମୁଖ ସହଯୋଗ କରିଥିଲେ ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ଶୁକ୍ରବାର ସକାଳ ୮ ଘଟିକା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟରେ ୭୯ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ତ୍ରିରଙ୍ଗା ପତାକାକୁ ଉତ୍ତୋଳନ କରିଥିଲେ । ଏହା ପରେ ଉପସ୍ଥିତ ସମସ୍ତେ ଏକ ସ୍ୱରରେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ବିଧାୟକ ଶ୍ରୀ ଦାସ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା କୃଷ୍ଣ ଚନ୍ଦ୍ର ସାହା ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଧୀନତାର ୭୮ ବର୍ଷର ଉପଲବ୍ଧି ଏବଂ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗେଇ ଥିବା ସହିଦ ମାନଙ୍କ ସମ୍ବନ୍ଧରେ କହିଥିଲେ । ଏହି ଅବସରରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ନନ୍ଦୀ, ସୁବୋଧ ଚନ୍ଦ୍ର ପଣ୍ଡା, କମଳ ଲୋଚନ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ପଞ୍ଚାୟତ ସଭାପତି ଗଣେଶ ନାୟକ, ୱାର୍ଡ ମେମ୍ବର ତପନ ଦାସ, ଭାଗିରଥି ରାଉତ, ଦେବଗୋପାଳ ଦାସ, ସୁକୁମାର ମହାନ୍ତି, ଚନ୍ଦନ ସାହୁ ଉପସ୍ଥିତ ଥିଲେ ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ



ପାରାଦ୍ୱୀପ , ୧୬/୦୮ (ନି.ପ୍ର): ପାରାଦୀପ ରିଫାଇନରୀରେ ୭୯ ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳନ କରାଯାଇଥିଲା । ପାରାଦୀପ ରିଫାଇନରୀ ଟାଉନସିପ୍‌ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ପାରାଦୀପ ରିଫାଇନରୀ ପରିବାରର ସଦ୍ୟସ ମାନେ ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲା । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ଆମ ଦେଶର ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଆହୁରି ମଧ କହିଛନ୍ତି ଯେ, ପାରାଦୀପ ରିଫାଇନରୀ, ଏହି ଅଞ୍ଚଳର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛି ଏବଂ ପିଏକ୍ସ-ପିଟିଏ, ଇଙ୍ଗଶବଷ୍ଟ, ପାରାଦ୍ୱୀପ ପେଟ୍ରୋ କେମିକାଲ କଂପ୍ଲେକ୍ସ ଭଳି ନୂତନ ପ୍ରକଳ୍ପଗୁଡିକ ଓଡିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ନୂଆ ପଥ ଆଙ୍କିବ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଡିପିଏସ୍ ପାରାଦୀପ ରିଫାଇନରୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସ ପାଳନ ସମାପ୍ତ ହୋଇଥିଲା । ସ୍ୱାଧୀନତା ଦିବସ ଅବସରରେ, ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ପାରାଦୀପ ରିଫାଇନରୀ ।

# କେନ୍ଦୁଝର ଷ୍ଟାଡିୟମରେ ୭୯ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

କେନ୍ଦୁଝର, ୧୬/୮ (ନି.ପ୍ର): ।ଜି ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଆଜିର ଏହି ଜିଲ୍ଲା ସ୍ତରୀୟ ପ୍ୟାରେଡରେ ୫୨ଟି ଦଳ ସାମିଲ ହୋଇଥିଲେ । ଏହି ଅବସରରେ ସମ୍ମିଳିତ ଜନତାଙ୍କୁ ଉଦବୋଧନ ଦେଇ ଦେଶର ଏକତାକୁ ତ୍ରିରଙ୍ଗା ଯାତ୍ରା ହିଁ ସଫଳ କରି ପାରୁଛି । ଏହା ଜିଲ୍ଲାରେ ବିକାଶ କାର୍ଯ୍ୟକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ରାଜ୍ୟ ସରକାର ନୂଆ ଆଶା ଭରସା ନେଇ ରାଜ୍ୟ ସରକାର ଆଗେଇ ଚାଲିଥିବା ବେଳେ ରାଜ୍ୟବାସୀ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

# ଡ୍ରିମ୍ସ ଆଇଡିଆଲ୍ ସ୍କୁଲରେ ୭୯ତମ ସ୍ୱାଧୀନତା ଦିବସ ପାଳିତ




ବାଲେଶ୍ୱର, ୧୬/୦୮ (ନି.ପ୍ର): ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ମ୍ୟୁନିସିପାଲଟି ଚେୟାରମେନ ଶ୍ରୀମତୀ ସବିତା ସାହୁ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।ସେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାପୀଠ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ ସଭାକାର୍ଯ୍ୟ ପରିଚାଳନା କରୁଥିଲେ । ଉକ୍ତ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ର ସଭାପତି ଶ୍ରୀ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ରେହାନା ବ୍ୱେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତି ଲତା ମାଝୀ, ନମିତା ବାଗ୍, ଜୟସ୍ମିତା ପଣ୍ଡା, ମୈ ।ସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା,ସରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟରେ ସହାୟତା କରିଥିଲେ ।

# ଭାରତୀୟ ତଟ ରକ୍ଷକ ପକ୍ଷରୁ ପାରାଦୀପଠାରେ 'ହର ଘର ତ୍ରିରଙ୍ଗା ଅଭିଯାନ – ୨୦୨୫'ର ଆୟୋଜନ



ପାରାଦ୍ୱୀପ , ୧୬/୦୮ (ନି.ପ୍ର): ଭାରତର ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ, ଭାରତୀୟ ତଟ ରକ୍ଷକ ଜିଲ୍ଲାମୁଖ୍ୟାଳୟ (ଓଡ଼ିଶା) ସହିତ ପାରାଦୀପରେ ଅବସ୍ଥିତ ବିଭିନ୍ନ ତଟ ରକ୍ଷକ ଅନୁଷ୍ଠାନ ଦ୍ୱାରା ୨ ଅଗଷ୍ଟରୁ ୧୫ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ , ମତ୍ସ୍ୟଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କୁ ସମ୍ମିଳିତ କରାଯାଇଥିଲା । 'ହର ଘର ତ୍ରିରଙ୍ଗା ଅଭିଯାନ–୨୦୨୫'ର ଅଂଶ ଭାବେ, ସମୁଦ୍ରତଟ, ପ୍ରମୁଖ ସ୍ଥାନ, ନିବାସୀୟ ଭବନରେ ଜାତୀୟ ପତାକା ପ୍ରଦର୍ଶନ, କାର୍ଯ୍ୟାଳୟ ଓ ନିବାସୀୟ ଭବନର ଆଲୋକସଜ୍ଜା, ତ୍ରିରଙ୍ଗା ଯାତ୍ରା, ପଦଯାତ୍ରା, ସାଇକେଲ ରାଲି, ବାଇକ୍ ରାଲି ଏବଂ ସମୁଦ୍ରରେ ରହୁଥିବା ମତ୍ସ୍ୟଜୀବୀ ମାନଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା । ଏହି ପଦକ୍ଷେପର ଉଦ୍ଦେଶ୍ୟ ସ୍ଥାନୀୟ ଜନସାଧାରଣ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଦେଶଭକ୍ତିର ଭାବନା ସ୍ଥାପିତ କରିବା ଥିଲା । ପାରାଦୀପରେ ୨୫୦ ତଟ ରକ୍ଷକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ ।

# ଇଫକୋ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ




ପାରାଦୀପ, ୧୬/୦୮ (ନି.ପ୍ର): ୭୯ତମ ସ୍ୱାଧୀନତା ଦିବସ ଅବସରରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଇଫକୋ ପାରାଦୀପ ୟୁନିଟ୍ ରାଜ୍ୟ ର କ୍ଷୁଦ୍ର ତଥା ଲଘୁ ଉଦ୍ୟୋଗ ମାନଙ୍କୁ ସହଯୋଗ ର ହାତ ବଢ଼ାଇଥିବାରୁ ସେଥିପାଇଁ ରାଜ୍ୟ ଶିଳ୍ପ ବିଭାଗ ପକ୍ଷରୁ ଇଫକୋ ପାରାଦୀପ ୟୁନିଟ୍ କୁ ଶ୍ରେଷ୍ଠ ପ୍ଲାଣ୍ଟ୍ ଆୱାର୍ଡ୍‌ରେ ସମ୍ମିଳିତ କରାଯାଇଥିଲା ।ଏହି ସଫଳତା ପାଇଁ ଶ୍ରୀଯୁକ୍ତ ମହାପାତ୍ର ସମସ୍ତ ଶ୍ରେୟ କମ୍ପାନୀ ର ଅଧିକାରୀ, କର୍ମଚାରୀ ଓ ଶ୍ରମିକ ମାନଙ୍କୁ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ଇଫକୋ ନାନୋ ତରଳ ସାର ଉତ୍ପାଦନ କରି ବିଶ୍ୱ ରେ ଏକ ବିରଳ ଇତିହାସ ରଚିବାକୁ ଯାଉଛି । ଏହି ଅବସରରେ ମୁଖ୍ୟ ଅତିଥି ପି.କେ.ମହାପାତ୍ର ଙ୍କୁ ବିଭିନ୍ନ ପଦଧିକାରୀ ଓ କର୍ମଚାରୀ ମାନେ ଭବ୍ୟ ସ୍ୱାଗତ ଜଣାଇ ଥିଲେ । ପରେ କର୍ଣ୍ଣାଲ ମିଶ୍ର ମୁଖ୍ୟ ଅତିଥି ଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ପରେ ଚିତ୍ତାକର୍ଷକ ପରେଡ୍ ଶୋ କୁ ଦେଖିବା ପାଇଁ ଶତାଧିକ ଲୋକେ ଏକତ୍ରିତ ହୋଇ ଉପଭୋଗ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ସ୍ୱାଧୀନତା ଦିବସ ପାଳନର ଗୁରୁତ୍ୱ ଏବଂ ଭାରତର ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏକ ସ୍ୱାଧୀନ ଭାରତର ମୂଲ୍ୟବୋଧକୁ ସୁରକ୍ଷା ଓ ନିରାପତ୍ତା ଦେବାରେ ଭାରତୀୟ ନାଗରିକ ମାନଙ୍କର କର୍ତ୍ତବ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ତାହା କହିଥିଲେ । ଇଫ୍ ?କୋର ଅଭିବୃଦ୍ଧି ପାଇଁ ଇଫ୍ ?କୋ କର୍ମଚାରୀଙ୍କ 'ଜାତୀୟ ସଫଳତା ଏବଂ ଅବଦାନ'କୁ ସ୍ୱୀକାର କରି ଏହାକୁ ଆହୁରି ଦ୍ୱିଗୁଣିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେ ଆହୁରି ସୂଚନା ଦେଇଥିଲେ ଯେ ଇଫକୋ ସମାଜ ପ୍ରତି ଏହାର ପ୍ରତିବଦ୍ଧତାରେ ବିଶ୍ୱାସ କରେ - କାରଣ ଏହା ଏକ ସମବାୟ ସମାଜ ଯାହା ଦେଶର କୃଷକମାନଙ୍କୁ ସାହାଯ୍ୟ ଏବଂ ଉନ୍ନତି କରିବା ପାଇଁ ଯଥେଷ୍ଟ ଉଦ୍ଦିଷ୍ଟ । ତା ସହିତ ଦେଶର ପ୍ରାୟ ୪୦ ପ୍ରତିଶତ ସାର ଏକମାତ୍ର ଇଫକୋ ହିଁ ଯୋଗାଇବାରେ ସକ୍ଷମ ହେଉଛି । ଏହି ଅବସରରେ ଇଫକୋ ଡିଏଭି ସ୍କୁଲ ଏବଂ ଜ୍ୟୋତି ଲେଡିଜ୍ କ୍ଲବ୍‌ର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଇଫକୋ ପି ଆଣ୍ଡ ଏ ର ମହାପ୍ରବନ୍ଧକ ବିଜୟ କୁମାର ପରିଡ଼ା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମହର୍ଷି ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପାଳିତ



ବାରିପଦା , ୧୬/୦୮ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମହର୍ଷି ଇଣ୍ଟରନେସନାଲ ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜନ୍ମାଷ୍ଟମୀ ଓ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ. ଶ୍ରୀ ନାୟକ ତାଙ୍କ ବକ୍ତବ୍ୟ ରେ ଭାରତ ର ସ୍ୱାଧୀନତା ର ମହତ୍ୱକୁ ବଜାୟ ରଖିବା ପାଇଁ ଆତ୍ମନିର୍ଭରଶୀଳ ହୋଇ ବଞ୍ଚି ଶିଖିବା କୁ ଆହ୍ୱାନ ଦେଇଥିଲେ । ଆଜି ଜନ୍ମାଷ୍ଟମୀ ଉପଲକ୍ଷେ କୁନି କୁନି ପିଲା ଙ୍କ ଦ୍ୱାରା କୃଷ୍ଣ ଜନ୍ମ ଉପାଖ୍ୟାନ ଉପରେ ଏକ ଛୋଟ ଏକାଙ୍କିକାଟିଏ ପ୍ରଦର୍ଶନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ନାୟକ ନୃତ୍ୟ ପ୍ରତିଯୋଗିତା ରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଆଶୁ ପାଶୱାନ ଓ ମନସ୍ୱିନୀ ମହାଳିକ ଯୁଗ୍ମ ଭାବେ ପ୍ରଥମ ସ୍ଥାନ,ତନୁଷ୍କା ସିଂହ ଓ ଆରୁଷି ଘୋଷ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଏବଂ ସ୍ମୃତିସାଗରୀକା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଶ୍ୱଜିତ ଜେନା ଓ ପ୍ରିୟାଂଶି ମଣ୍ଡଳ ସାନ୍ତ୍ୱନାମୂଳକ ପୁରସ୍କାର ପାଇଛନ୍ତି । ଏହି କାର୍ଯ୍ୟକ୍ରମ ଟି ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପତି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିଲା । ସତ୍ୟପ୍ରିୟା ପାତ୍ର, ସିଦ୍ଧିରଞ୍ଜନ ଲେଙ୍କା, ବର୍ଷା ସାହୁ, ସମ୍ପିତ ସାହୁ, ଦୀପାଞ୍ଜଳି ବେହେରା ଓ ରଶ୍ମିତା ମହାନ୍ତ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

ରବିବାର, ଅଗଷ୍ଟ ୧୭, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ୭୯ ତମ ସ୍ୱାଧୀନତା ଦିବସ ପାଳିତ

ବସ୍ତା, ୧୬/୮ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବରେ ମଥାନୀ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଆଇଚ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଆଶାର ପ୍ରତିଷ୍ଠାତା ସମ୍ପାଦକ ତଥା ଯୁବ ସମାଜ ସେବୀ ଶ୍ରୀଯୁକ୍ତ ଅମର କୁମାର ପାଲ ସଭାପତିତ୍ୱ କରିବା ସହିତ ପୂର୍ବତନ ସମ୍ପାଦିକା ମଞ୍ଜୁବତି ବିଶ୍ୱାଳଙ୍କ ଅନୁରୋଧ କ୍ରମେ ଦେଶାତ୍ମବୋଧକ ନୃତ୍ୟ ମୂକ ଓ ବଧିର ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ସମାଜସେବୀ ଶ୍ରୀଯୁକ୍ କିଶୋର କୁମାର ପାଳ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପରି ଜାତୀୟତାବୋଧ, ଦେଶ ପ୍ରିତୀ ମନୋଭାବ ରଖି କାର୍ଯ୍ୟ କଲେ ପ୍ରକୃତ ସ୍ୱାଧୀନ ଭାରତର ନାଗରିକ ହିସାବ ରେ ଆମେ ପରିଗଣିତ ହୋଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସ, ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତି,ସ୍ୱାତାରାଣୀ ମହାପାତ୍ର,ପ୍ରଦୀପ କୁମାର ସାହୁ,ଗଜେନ୍ଦ୍ରନାଥ ପ୍ରଧାନ,ଜୟଶ୍ରୀ ସ୍ୱାଇଁ,ଅଶୋକ ବିଶ୍ୱାଳ,ସନ୍ଧ୍ୟାରାଣୀ ବିଶ୍ୱାଳ,ହର୍ଷ ବର୍ଦ୍ଧନ ଧଳ,ପ୍ରଜ୍ଞା ପ୍ରକାଶ ପାଳ , ସୁମନା ପରିଡ଼ା,ଗୋପାଳ ଆଇଚ,ଗୌରଙ୍ଗ ଚରଣ ଦାସ,ରତିକାନ୍ତ ପରିଡ଼ା, ଅପର୍ଣା ରାଉତ, ଅଜୟ କୁମାର ଦଳାଇ, ହେମଙ୍ଗିନି ମାହାର୍ଣ୍ଣ, ଅଞ୍ଜୁରାନି ଦାସ,ପଞ୍ଚାନନ ବେହେରା,ଏଲିନା ଏଲିଶା ପାଲ,ପ୍ରଦ୍ୟୁମ୍ନ ଗିରି ପ୍ରମୁଖ ଉପସ୍ଥିତ ରହିବା ସହିତ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ସୁବର୍ଣ୍ଣରେଖା କେନାଲ ଭାଙ୍ଗି ଲୋକଙ୍କ ଚାଷ ଜମିରେ ପାଣି

## ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇ ଫସଲ ନଷ୍ଟ



ବେତନଟୀ ୧୬/୮(ନି.ପ୍ର): କୃଷି ଓ କୃଷକଙ୍କ ଉପକାର ପାଇଁ ନିର୍ମାଣ କରାଯାଇଥିଲା ସୁବର୍ଣ୍ଣରେଖା କେନାଲ । ମାତ୍ର ଉକ୍ତ କେନାଲ କିଭଳି ଭାବରେ କୃଷି ଓ କୃଷକର ଦୁଃଖର କାରଣ ହେଇଛି ତାହାର ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି ବେତନଟୀ ବ୍ଲକ ଅନ୍ତର୍ଗତ ଯୁଗଳ ପଞ୍ଚାୟତର ଶାଳବଣି ଗ୍ରାମରେ। ଶାଳବଣି ଗ୍ରାମ ଦେଇ ଯାଇଥିବା ସୁବର୍ଣ୍ଣ ରେଖା କେନାଲଟି ଭାଙ୍ଗି ବହୁ ଓସାରରେ ପାଣି କେନାଲରୁ ବାହାରି ଲୋକଙ୍କ ଚାଷ ଜମିରେ ପାଣି ପଶିଯାଇଛି। ଫଳରେ ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇ ଫସଲ ନଷ୍ଟ ହୋଇଯାଇଛି । ତେବେ ଏହି କେନାଲଟି ଅଳ୍ପ ଦିନ ପୂର୍ବରୁ ନିର୍ମାଣ ହୋଇଥିଲେ ମଧ୍ୟ ଏତେ ବଡ ଆକାରରେ କେନାଲ ଭାଙ୍ଗିଯିବା ଘଟଣା କେନାଲ ନିର୍ମାଣର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଠିକାଦାରଙ୍କ ନିମ୍ନମାନର ମନୋମୁଖୀ କାର୍ଯ୍ୟ ଯୋଗୁଁ କେନାଲ ଭାଙ୍ଗିଥିବା କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ବେତନଟୀରେ ସୁବର୍ଣ୍ଣରେଖା କାର୍ଯ୍ୟାଳୟ ଥିଲା । ମାତ୍ର ଏହି କାର୍ଯ୍ୟାଳୟ ବାରିପଦାକୁ ଉଠିଯାଇଛି। ସୁବର୍ଣ୍ଣରେଖା କେନାଲ ନିର୍ମାଣ ବେଳେ ବାରିପଦାରୁ କୌଣସି ଯନ୍ତ୍ରୀ ଆସି ନିରୀକ୍ଷଣ ନ କରିବା ଫଳରେ ଠିକାଦାର ମନୋମୁଖୀ ଭାବରେ ନିମ୍ନମାନର ନିର୍ମାଣ କାର୍ଯ୍ୟ କରିଥିବା ଯୁଗଳ ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି। ଠିକାଦାର , ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଅଭିଯୋଗ କରିଛନ୍ତି । ତେବେ ବହୁ ପରିଶ୍ରମ, ଋଣ ଓ ଖର୍ଚ୍ଚ କରି ଧାନ ଚାଷ କରିଥିବା ଚାଷୀମାନଙ୍କର ଚାଷ କ୍ଷତିଗ୍ରସ୍ତ ହୋଇଯିବା କାରଣରୁ ସେମାନେ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି । ସେମାନେ ଅତିଶୀଘ୍ର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିବା ସହିତ ନିମ୍ନମାନର କେନାଲ ନିର୍ମାଣର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅତିଶୀଘ୍ର ଏହା ନକଲେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଯୁଗଳ ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି।

# ଅଗ୍ନି କାଣ୍ଡରେ ୩ବଖରା ଭସ୍ମୀଭୂତ

ବସ୍ତା, ୧୬/୮ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ତିଗିରିଆ ଗ୍ରାମର ଗୌରାଙ୍ଗପାତ୍ରଙ୍କ ଦୁଇପୁତ୍ର ସନ୍ତୋଷ ସରୋଜ ପାତ୍ରଙ୍କ ୩ବଖରା ଝାଟିମାଟି ନଡାଛପର ଘର ସମେତ ଧାନ ଚାଉଳ ପଲଙ୍କ ନଗଦ ୪୦ଲକ୍ଷଟଙ୍କା ଆସବାପତ୍ର ମୋଟ ୫ଲକ୍ଷ ଟଙ୍କାର ସାମଗ୍ରି ପୁଡି ନଷ୍ଟ ହୋଇଯାଇଛି । ସୂଚନାରୁ ପ୍ରକାଶ ହଠାତ ସଧ୍ୟା ୭ଟା୩୦ମିନିଟ ସମୟରେ ଘର ଟୁଇରୁ ଅଗ୍ନି ସଂଯୋଗ ହୋଇଥିଲା ନିଆଁ ଏତେ ପ୍ରବଳ ଭାବରେ ବ୍ୟାପିଯାଇଥିଲା ଯେ ନିଆଁ ଅଣ ଆୟତ ହୋଇଯାଇଥିଲା । ଦମକଳ ବାହିନୀ ପହଞ୍ଚିବେଳକୁ ଘର ପୋଡି ପାଉଁଶ ହୋଇ ଯାଇଛି । ତେବେ ସରକାରୀ ସାହାର୍ଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାଦି କରିଛନ୍ତି ।

# ନୀଳଗିରିରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ନୀଳଗିରି, ୧୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୯ ତମ ସ୍ୱାଧୀନତା ଦିବସ ଉତ୍ସବ ନୀଳଗିରି ଷ୍ଟାଡିୟମ ପରିସରରେ ମହାସମାରୋହରେ ପାଳିତ ହୋଇ ଯାଇଛି। ଭୋର ରାମଧୂନ ପରେ ସକାଳେ ପ୍ରଭାତ ଫେରି ହୋଇଥିଲା। ୭.୩୦ ମିନିଟରେ ସରକାରୀ ଓ ବେସରକାରୀ ସ୍ତରରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ପରେ ୯.୧୫ ମିନିଟ୍ ସମୟରେ ଷ୍ଟାଡିୟମ ପରିସରରେ ୭୯ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ.ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ସୋନମ୍ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ ପରିବେଷଣ କରାଯାଇଥିଲା। ପରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ୟାରେଡ ଭାଗନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ କୁ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ସୁଚାରୁରୂପେ ପରିଚାଳନା କରିଥିବା ଦେଖାଯାଇଛି। ଶେଷରେ ଉପଖଣ୍ଡ ହସ୍ପିଟାଲ ଓ କାରାଗାରରେ ଥିବା ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଆୟୁଷ୍ମାନ୍ ବଢ଼ାଉଛି ସମସ୍ୟା

ଭୁବନେଶ୍ୱର, ୧୬/୮ (ନି.ପ୍ର): ରୋଗୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ କାର୍ଡର ବ୍ୟବସ୍ଥା କରିଛନ୍ତି । ବିଜେଡି ବିଏସକେୱାଇ କରିଥିବାବେଳେ ବିଜେପି ଶାସନକୁ ଆସିବା ପରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛି । କିନ୍ତୁ ସ୍ୱାସ୍ଥ୍ୟ କାର୍ଡକୁ ନେଇ ବଢିଲାଣି ସମସ୍ୟା । ଧିରେ ଧିରେ ରାଜନୀତି ବି ତୀବ୍ର ହେବାରେ ଲାଗିଛି । ଜୀବନ ଓ ମୃତ୍ୟୁ ଭିତରେ ସଂଗ୍ରାମ କରୁଛନ୍ତି ଭଦ୍ରକର ପ୍ରମୋଦ ଦାସ । ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ ପ୍ରମୋଦ। କିନ୍ତୁ କ୍ୟାନ୍ସର ପରଠାରୁ ସବୁକିଛି ଯେମିତି ବଦଳିଯାଇଛି । ମାତ୍ର ଦେଢ ବର୍ଷ ଭିତରେ ସବୁ ଜମିବାଡି ବିକ୍ରି ସରିଲାଣି । କେମୋ ଥେରାପି ସାଙ୍ଗକୁ ଇମିନ୍ୟୁ ଥେରାପି ବିକୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ମିଳିଯାଉଥିଲା । ଆୟୁଷ୍ମାନ ଭାରତ ଯୋଜନାରେ କିଛିଦିନ ଇମିନ୍ୟୁ ଥେରାପିର ସୁବିଧା ମିଳିଲା, କିନ୍ତୁ ହଠାତ ଏହାକୁ ବି ବନ୍ଦ କରିଦିଆଯାଇଛି । ୨୮ ଦିନରେ ଥରେ ଇମିନ୍ୟୁ ଥେରାପି ନେବାକୁ ପଡୁଛି । ଏହି ବାବଦକୁ ୩୭ ହଜାରରୁ ୩୯ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି ପ୍ରମୋଦ ।

# କୋର୍ଟ ନିର୍ଦ୍ଦେଶକୁ ଅବମାନନା: ସିଲ୍ ହେଲା ବେଆଇନ ଦୋକାନଗୃହ



ନୀଳଗିରି, ୧୬/୮ (ନି.ପ୍ର): ବାଲାଜୀ ହନୁମାନମନ୍ଦିର ଭାଙ୍ଗି ଦେବୋତ୍ତର ଜମିରେ ବେଆଇନ ଦୋକାନଗୃହ କରିବା, ଏବଂ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ ନିଜ ଜିଦ୍ ରେ ଅଟଳରହିବା ଫଳରେ ଶେଷରେ ଦୋକାନଗୃହ ଗୁଡିକରେ ପ୍ରଶାସନ ତରଫରୁ ତାଲା ଲଗାଯାଇ ସିଲ କରାଯାଇଛି। ସୂଚନା ଅନୁଯାୟୀ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ନୀଳଗିରି ଗୁଣ୍ଡିଚାମନ୍ଦିର ପାର୍ଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିର ପାର୍ଶ୍ୱରେ ପୁରୁଣାମନ୍ଦିର ଭାଙ୍ଗି ନୂତନମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା କରି ଦୋକାନଗୃହ କରି ଫାଇଦା ନେଉଥିଲେ ।ଏହାକୁ ବିରୋଧ କରି ବାଲିଗୋହିରୀ ଅଞ୍ଚଳର ଜଗବନ୍ଧୁ ମୁନି ନାମକ ଜୈନିକ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ସୂଚନାଯୋଗ୍ୟ ରାଜ୍ୟ ଦେବୋତ୍ତରବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମସିହାଠାରୁ ଟ୍ରଷ୍ଟ ବୋର୍ଡ଼ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା । ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ ସାନଅଡା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠାନିର୍ମାଣ ପାଇଁ ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବ୍ୟାବସାୟିକ ମନୋବୃତ୍ତିରେ ଦୁଇମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନ ଭାବେ ମୋଟାଅଙ୍କର ଅର୍ଥନେଇ ଘର ଦେଇଥିଲେ ।ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି। ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଣ୍ଟ, ଏମ.ବି. ବ ?ହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ଼ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନଥିଲା। ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱେର ଷ୍ଟୋର ୧୨ଟି ଦୋକାନ ଏବଂ ଉପରମହଲା ଓ ତଳମହଲାରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି। ବାଦବିବାଦ ପରେ ଗତ ଜୁଲାଇ୨୪ ତାରିଖ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚି ଅନୁଧ୍ୟାନ କରିବାସହ ନୀଳଗିରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ।୧୬/୮/୨୫ରିଖ ଅପରାହ୍ନ୧, ୩୦ମିନିଟ ସୁଦ୍ଧା ଦୋକାନ ଗୃହରୁ ସମସ୍ତ ଆସବାପତ୍ର କାଢ଼ି ନେବାକୁ ବିଚାରପତି କେ.ଆର ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଥିଲେ। ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶରେ ଗତ ଅଗଷ୍ଟ ୭ତାରିଖ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ର ଦେବୋତ୍ତର ଇନ୍ସପେକ୍ଟର ଦେବ୍ରତ ବିଶ୍ୱାଳ ନୀଳଗିରିରେ ପହଁଚି ୧୨ଟି ବେଆଇନ ଦୋକାନକରିଥିବା ମାଲିକଙ୍କ ମଧ୍ୟରୁ ୯ନୋଟିସ ନେଇଥିଲା ବେଳେ ୩ଜଣ ନୋଟିସ ନନେବାରୁ ତାଙ୍କ ଦୋକାନଗୃହରେ ନୋଟିସ ଟଙ୍ଗା ଯାଇଥିଲା। ଶେଷରେ କଣ୍ଟ ପୁରିଲା। ଶନିବାର ୧୬ତାରିଖ ୧.୩୦ପରେ ଉକ୍ତ ଗୃହରେ ପ୍ରଶାସନ ସିଲ୍ କରିଥିବା ଜଣାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ଦେବୋତ୍ତରବିଭାଗର ସହକାରୀ କମିଶନର ପ୍ରକାଶ କର, ଦେବବ୍ରତ ବିଶ୍ୱାଳ, ଡିଭିଜନାଲ ଇନ୍ସପେକ୍ଟର ଦେବଦର୍ଶୀ ପଟ୍ଟନାୟକ, ସ୍ଥାନୀୟ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ , ଏଏସଆଇ ଶ୍ରୀନିବାସ ରାଉତଙ୍କ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଏହି ସିଲ୍ କରାଯାଇଥିବା ସୂଚନା ମିଳିଛି।

# ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



ବାଲିଆପାଳ , ୧୬/୮ (ନି.ପ୍ର): ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବାଲିଆପାଳ ବ୍ଲକ ପରିସରରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ବ୍ଲକ ଅଧକ୍ଷା ରଞ୍ଜିତା ନାୟକ ପତାକା ଉେ ।ଳନ କରି ଉଦବୋଧନ ଦେଇଥିଲେ । ଉତ୍ସବରେ ବିଡିଓ ରାଧାରଞ୍ଜନ ଦାସ ,ଉପାଧକ୍ଷ ରାଜେଶ ଚୌଧୁରୀ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। । ତହସିଲ କାର ?ୟାଳୟରେ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ,ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର ?ୟାଳୟ ପରିସରରେ ବିଇଓ ସତ୍ୟରଞ୍ଜନ ଭୂୟାଁ ପତାକା ଉେ ।ଳନ କରିଥିଲେ । ବାଲିଆପାଳ ଥାନା ପରିସରରେ ଥାନାଅଧିକାରୀ ଗୋବିନ୍ଦ ବେହେରା,ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ ପରିସରରେ ସଂସଦର ସଭାପତି ଡ.ସନ୍ତୋଷ କୁମାର ଦାସ ପତାକା ଉେ ।ଳନ କରି ଉଦବୋଧନ ଦେଇଥିଲେ । ସେହିପରି ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସଂଜ୍ଞୟ କୁମାର ଜେନା, ଉଦୟନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ମୁରଲୀ ମୋହନ ସାହୁ, ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନା, ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଅଧକ୍ଷ ଗୌରାଙ୍ଗ ରାଉତ, ବାଲିବିଲ ବାଲିଚତରଠାରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ଦେଉଳା ପଂଚାୟତ କାର ?ୟାଳୟରେ ସରପଂଚ ସରୋଜ ପିଳା,ବଳରାମପୁର ପଞ୍ଚାୟତ କାର ?ୟାଳୟରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ,ସୁନାରୁଇ ଗ୍ରାମ କମିଟି ପକ୍ଷରୁ ଅନୁଷ୍ଠିତ କାର ?ୟକ୍ରମରେ ଶିକ୍ଷାବିତ୍ ମହେଶ୍ୱର ସେଠୀ ପତାକା ଉତତୋଳନ କରିଥିଲେ ।ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହେରା,ପୂର୍ବତନ ସରପଞ୍ଚ କୀର୍ତ୍ତନ ଚନ୍ଦ୍ର ଧଳ,ହରେନ୍ଦ୍ର ବେହେରା,ବାସୁଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୭୯ ତମ ସ୍ୱାଧିନତା ଦିବସ ପାଳିଲା ଓୟୁଜେ




ବାଲେଶ୍ୱର, ୧୬/୮ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସଞ୍ଜୟ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଲେ ଯେ,ଆମର କଷ୍ଟଲବ୍ଧ ସ୍ୱାଧୀନତା ପାଇଁ ଆନ୍ଦୋଳନ କରିଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ବଳିଦାନର ମୂଲ୍ୟ କେହି ଦେଇପାରିବେ ନାହିଁ। ଆଜି ସ୍ୱାଧୀନ ଭାରତର ନାଗରିକ ଭାବେ ଆମେ ସମସ୍ତେ ସଦା ସର୍ବଦା ଗର୍ବ ଅନୁଭବ କରିବାର ବେଳ ଆସିଛି। ଆଗାମୀ ଯୁବ ପିଢ଼ି ଏହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗ, ଦେଶପ୍ରେମ, ଓ ବଳିଦାନ କୁ ମନେ ରଖିବା ଆବଶ୍ୟକ ବୋଲି ଶ୍ରୀ ଶତପଥି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ୟୁନିଅନର ସଭାପତି ଗଙ୍ଗାଧର ରାଉତ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସରେ ବୁଢାବୁଢୀଙ୍କୁ ବସ୍ତ୍ର ବାଣ୍ଟିଲେ ପୂର୍ବତନ ବ୍ଲକ ଉପାଧକ୍ଷ

ଖଇରା, ୧୬/୮ (ନି.ପ୍ର): ସାରା ଭାରତ ୭୯ତମ ସ୍ୱାଧିନତା ଦିବସକୁ ବିଭିନ୍ନ ଢଙ୍ଗରେ ପାଳନ କରୁଥିବା ବେଳେ ଖଇରା ବ୍ଲକର ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ଅସହାୟ ବୁଢାବୁଢୀଙ୍କୁ ଲୁଗାବାଣ୍ଟି ଏହି ଦିବସ ପାଳିଛନ୍ତି। କୁପାରୀ ବାସଭବନ ସମ୍ମୁଖସ୍ଥ ହେଲିପ୍ୟାଡ ପଡିଆରେ ପତାକା ଉତ୍ତୋଳନ ପରେ କୁପାରୀ ପଞ୍ଚାୟତର ୧ଶହରୁ ଉର୍ଦ୍ଧ ବୁଢୀବୁଢାଙ୍କୁ ନୂତନ ବସ୍ତ୍ରଦେଇ ମୁହଁରେ ହସ ଫୁଟାଇବାକୁ ପ୍ରୟାସ କରିଥିଲେ । ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ଖୁବ ପ୍ରଶଂସା କରିଛନ୍ତି। ଶ୍ରୀ ରାଉତଙ୍କ ସହ ପୂର୍ବତନ ଜିଲାପରିଷଦ ସଭ୍ୟ ବିଷ୍ଣୁପଦ ଘଡେଇ,ବିଜୟ କୁମାର ବାରିକ,ଦେବେନ୍ଦ୍ର କୁମାର ଜେନା, ଭଗବାନ ଜେନା, ବିରେନ୍ଦ୍ର ଜେନା, ପରମେଶ୍ୱର ମହାପାତ୍ର, ପୁର୍ବତନ ସରପଞ୍ଚ ଭବଜ୍ୟୋସ୍ନା ନାୟକ, ୱାର୍ଡସଭ୍ୟା କବିତା ପଣ୍ଡା, ବାସନ୍ତି ପାତ୍ର, କୁନ୍ତଳା ମହାରଣା ଓ ସଭ୍ୟ ନିଗମାନନ୍ଦ ବେହେରା,ରତନା ନାୟକ,ଗୌରହରି ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁକିଛି କଥା ଶିଖିବାକୁ ମିଳିଲା କମାଲର କ୍ୟାମ୍ପରୁ : ସ୍ୱେଚ୍ଛାସେବୀ



ଉଦଳା , ୧୬/୮ (ନି.ପ୍ର): ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ଗତ ଗ୍ରୀଷ୍ମଛୁଟି ସମୟରେ ପିଲାଙ୍କୁ ପାଠ ସହିତ ବାନ୍ଧି ରଖିବା ଉଦେଶ୍ୟରେ ମୟୂରଭଂଜର ବିଭିନ୍ନ ସ୍ଥାନରେ ମୋଟ ୨୫୪ ଗୋଟି ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଥିଲା । ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍ଥାନୀୟ ଅଂଚଳର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ସ୍ୱେଚ୍ଛାସେବୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ଜିଲ୍ଲାରେ ଚାଲିଥିବା ଏହି କ୍ୟାମ୍ପରେ ମୋଟ ୨୫୮ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ ଥିବା ବେଳେ ୩୭୨୮ଜଣ ଛାତ୍ର ଛାତ୍ରୀ ପାଠପଢୁଥିବାର ଜଣାଯାଇଛି । ଏଥିରେ କେବଳ ଚତୁର୍ଥ, ୫ମ ଓ ୬ଷ୍ଠ ଶ୍ରେଣୀର ପିଲାମାନେ ପଢୁଥିବାର ସ୍ୱେଚାସେବୀ ମାନେ ଜଣାଇଛନ୍ତି ଏହାକୁ କମାଲର କ୍ୟାମ୍ପ ବୋଲି କୁହାଯାଉଥିଲା । ଏହି ସବୁ ସ୍ୱେଚ୍ଛାସେବୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ଉତ୍ସବ ମାନଙ୍କରେ ପ୍ରମାଣପତ୍ର ବଂଟନ କାର୍ଯ୍ୟ ବର୍ତ୍ତମାନ ଚାଲିଛି । ସେହିପରି ଉଦଳା ବ୍ଲକର ଖଳାଡ଼ି ପଂଚାୟତ ଅଂଚଳ ମଧ୍ୟରେ କାର୍ଯ୍ୟରତ ଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଚଳିତ ଅଗଷ୍ଟ ୧୫ ତାରିଖ ଶୁକ୍ରବାର ୭୯ ତମ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ପ୍ରମାଣପତ୍ର ବଂଟନ କରାଯାଇଛି । ସ୍ଥାନୀୟ ସରପଂଚ ସସ୍ମିତା ବରିକ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜନଜାଗୃତି ମଂଚର ଏତାଦୃଶ କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏଠାରେ ସ୍ୱେଚ୍ଛାସେବୀ ଭାବରେ ପ୍ରତିମାମଣି, ଧରିତ୍ରୀ, ଶାନ୍ତିଲତା, ସମ୍ଧାରି, ମୁସଲିମା, ଦେବକୀ, ଶୈନିକା, ସୁନିତା, ଦଶରଥ, ରାଜଶ୍ରୀ, ଶୁଭଙ୍କର ଓ ସସ୍ମିତା ପ୍ରମୁଖ ନିଯୁକ୍ତ ଥିଲେ । କମାଲର କ୍ୟାମ୍ପରୁ ଆମେ ଅନେକ କିଛି କଥା ଶିଖିବାକୁ ପାଇଲୁ ବୋଲି ସ୍ୱେଚ୍ଛାସେବୀ ମାନେ ଅନୁଭବ କଥନ ସମୟରେ ବ୍ୟକ୍ତ କରିଛନ୍ତି । ଉକ୍ତ ଉତ୍ସବରେ ମଂଚର ଟିମ ଲିଡ଼ର ଗଦାଧର ଦାଶ ଓ ସୁବ୍ରତ ମହାନ୍ତି ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ମଂଚର ସଦସ୍ୟ ରବିନ୍ଦ୍ର ଖଣ୍ଡେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ଗ୍ରୀଷ୍ମଛୁଟି ସମୟରେ ଓଡ଼ିଶାର ୧୭ ଗୋଟି ଜିଲ୍ଲାରେ ଏହି କ୍ୟାମ୍ପ ଏକାସମୟରେ ଚାଲିଥିବା ବେଳେ କଟକର ପ୍ରଥମ ଏଜୁକେସନ ଫାଉଣ୍ଡେସନ ଓ ଆତ୍ମଶକ୍ତି ଟ୍ରଷ୍ଟ ମିଳିତ ଭାବରେ ଏହାକୁ ପରିଚାଳନା କରୁଥିଲେ ।

# ଅବସର ରାଜ୍ୟ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଅଣୁଗଳ୍ପ ଉନ୍ମୋଚିତ

ବସ୍ତା୧୬।୮(ନିପ୍ର) ଅବସର ପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘପକ୍ଷରୁ ଶନିବାର ବସ୍ତାସ୍ଥିତ ଏସ ବି ଏ କଲ୍ୟାଣ ମଣ୍ଡପ ସଭାଗୃହରେ ଦଶମଶ୍ରେଣୀରେ ଗ୍ରେଡ ୧ଏ କୃତିତ୍ୱ ଅର୍ଜନକରିଥିବା୧୫ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଗଳ୍ପ କାର ପ୍ରଫୁଲ୍ଲ କୁମାରଜେନାଙ୍କ ରଚିତ ଅଣୁଗଳ୍ପ 'କାହାଣୀର ଇତି କଥା ଉନ୍ମୋଚନ ହୋଇ ଯାଇଅଛି ।ସଂଘର ସଭାପତି ଶିଶିରକୁମାର ରଥ ଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥି କବି ବ୍ରଜେନ୍ଦ୍ର ନାଥ ଗିରି.ମୂଖ୍ୟବକ୍ତା ଯଜ୍ଞେଶ୍ୱରଜେନା ବସ୍ତା ଗୋଷ୍ଠିଶିକ୍ଷା ଅଧିକାରୀ ଏସବିଆଇ ଶାଖା ପ୍ରବନ୍ଧକ ଦାମୋଦର ନାୟକ ସମ୍ମାନୀତ ଅତିଥି ସୂଦର୍ଶନ ନାୟକ, ଶ୍ରୀପତିଚରଣ ପାତ୍ର, କପିଳେଶ୍ୱର ମହାନ୍ତି ଗୋପବନ୍ଧୁ ମହାପାତ୍ର ଶ୍ରୀକାନ୍ତଜେନା ଜ୍ଞାନେନ୍ଦ୍ର ସାହୁ ରମେଶଚନ୍ଦ୍ର ଦାସ ଶଙ୍କରକୁମାରକର ବିଜୟ କର ସିଦ୍ଧେଶ୍ୱରୀ ବେହେରା ସମେତ ସମସ୍ତ ସଦସ୍ୟ ଉପସ୍ଥିତଥିଲେ ।ଶ୍ରୀଯୁକ୍ତ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଗଗନବିହାରୀ ଜେନା ବାର୍ଷିକ ବିବରଣୀ ପାଠକରିଥିଲେ । ଅଷ୍ଟୁତାନନ୍ଦ ଗନ୍ତାୟତ କମଳାକାନ୍ତ ବେହେରା, ଅଶୋକ ବେହେରା, ବନ୍ଦନାପାଳ ନରେନ୍ଦ୍ର ସେଠୀ, ହରେକୃଷ୍ଣ ବେହେରା ମଧୁସୁଦନ ସାହୁ ପ୍ରମୂଖ ଅଧିବେଶନରେ ବାର୍ଷିକ ଅଧିବେଶନରେ ସଂଘର କାର୍ଯ୍ୟକାରୀତା କିପରି ଆଗାମିଦିନରେ ସୁଦୃଢହେବ ମତବ୍ୟକ୍ତ କରିଥିଲେ ।ଅବସର ଅଧ୍ୟାପକ ବିଜୟ କୁମାର ଘୋଷ ଧନ୍ୟବାଦ ଯଣାଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida